# ଅଧପନ୍ତରିଆ ନିର୍ମାଣ, ପାଣିରେ ବୁଡ଼ିଲା ଗାଡ଼ି

## ଅଢ଼େଇମାସ ପରେ ବି ସରୁନି ଚର୍ଚ୍ଚଛକ କଲଭର୍ଟ କାମ

ସମ୍ବଲପୁର, ୨୨।୮ (ସମିସ)

ଜୁନ ମାସ ପ୍ରଥମ ସପ୍ତାହରେ ଆରମ୍ଭ ହୋଇଥିଲା ଚର୍ଚ୍ଚ ଛକର କଲଭର୍ଟ କାମ। ତେବେ, ପ୍ରାୟ ଅଢ଼େଇମାସ ବିତିଗଲା ପରେ ବି ତାହା ସମ୍ପୂର୍ଣ୍ଣ ହୋଇନାହିଁ। ଫାଟକ ଓଭରବ୍ରିଜରୁ ଧୁଚୁରାପଡ଼ା ଛକ ପର୍ଯ୍ୟନ୍ତ ରାସ୍ତା ଜାମ୍ ଏବଂ ବିଭିନ୍ନ ମହଲରୁ ତୀବ୍ର ବିରୋଧ ପରେ ପ୍ରାୟ ଦୁଇମାସ ପରେ ରାସ୍ତା ଖୋଲି ଦିଆଗଲା। କିନ୍ତୁ କାମ ସମ୍ପୂର୍ଣ୍ଣ ହୋଇନାହିଁ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପଟକୁ ପର୍ବତ ପ୍ରମାଣେ ଜମା ହୋଇଥିବା ଗେଟି ଓ ପଥର ଯୋଗୁଁ ରାସ୍ତା ଟ୍ରାଫିକ ଜାମ୍ ହେଉଛି। କଲଭର୍ଟ ଉପର ରାସ୍ତାକୁ ପିଚୁ କରାଯାଇନଥିବାରୁ ଖାଲଢିପ ରାସ୍ତାରେ ମୁଖ୍ୟତଃ ଦୁଇଚକିଆ ଯାନ ଓ ସାଇକଲ ଚଳାଳିମାନେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି।



ଏହି କଲଭର୍ଟ ଏତେ ଉଚ୍ଚ କରାଯାଇଛି ଯେ ବସ୍ ଗୁଡ଼ିକ ଯିବାବେଳକୁ ମଧ୍ୟ ଅସୁବିଧା ହେଉଛି। ପୂର୍ତ୍ତ ବିଭାଗ ଅଧିକାରୀମାନେ ଏନେଇ ମୁହଁ ଖୋଲୁନାହାନ୍ତି। ଏହି ରାସ୍ତାରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯିବାଆସିବା କରୁଥିଲେ ହେଁ ଏହାକୁ ଗୁରୁତ୍ୱର ସହ ନେଉନଥିବା ଦେଖାଯାଉଛି। ଅନ୍ୟପକ୍ଷରେ ଗତରାତି ଏବଂ ଆଜି ସକାଳେ ସାମାନ୍ୟ ବର୍ଷାପରେ ଏହି କଲଭର୍ଟର ହସପିଟାଲ ପଟକୁ ରାସ୍ତାରେ ପ୍ରାୟ ଡେଢ଼ରୁ ଦୁଇ ଫୁଟ ପାଣି ଜମା ହୋଇଯାଇଥିଲା। ସେଥିରେ ଛୋଟ ଗାଡି ଓ ଅଟୋ ରିକ୍ସା ମାନଙ୍କର ଚକ ବୁଡ଼ିଯାଉଥିବା ଦେଖାଯାଇଥିଲା। ରାସ୍ତା କରିବା ସମୟରେ ନାଳ ତିଆରି କରିବା ପ୍ରାଥମିକତା ଥିବାବେଳେ ଏହା କେଉଁ ପ୍ରକାରର ଆଧୁନିକ ସମ୍ବଲପୁର ଯୋଜନା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ଉଲ୍ଲେଖଯୋଗ୍ୟ ଯେ, ଚର୍ଚ୍ଚ ଛକରୁ ସଦର ଡାକ୍ତରଖାନାକୁ ସଂଯୋଗ ରାସ୍ତାରେ କିଛିବର୍ଷ ତଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ / ଫାଟକ ଅଞ୍ଚଳର ବର୍ଷାଜଳ ନିଷ୍କାସନ ପାଇଁ କଲଭର୍ଟ ତିଆରି କରାଯାଇଥିଲା। ଏବେ ପୁଣି ତାହାକୁ ଭାଙ୍ଗି କଲଭର୍ଟ ତିଆରି କରୁଛି ପୂର୍ତ୍ତ ବିଭାଗ। ପୁଣି, ଏହି ଚର୍ଚ୍ଚ ଛକରେ ଗୋଲେଇ ଛକ କରିବା ପାଇଁ ରାଜ୍ୟ ସରକାରଙ୍କ ମଞ୍ଜୁରୀ ମିଳିସାରିଛି। ଏଠାରେ କୌଣସି ନିର୍ମାଣ କରାଗଲେ ପୁଣି ଗୋଲେଇ ଛକ କରିବା ସମୟରେ ତାହାକୁ ଭାଙ୍ଗି କେବଳ ଅର୍ଥ ଶ୍ରାଦ୍ଧ ହେବ ବୋଲି ମତପ୍ରକାଶ ପାଉଛି।

# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ 'ଧନ୍ଦାମୂଳକ ତାଲିମ କେନ୍ଦ୍ର'ର ଶୁଭାରମ୍ଭ

ସମ୍ବଲପୁର, ୨୨।୮ (ସମିସ): ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ମାଧ୍ୟମରେ ସମ୍ବଲପୁର ଜିଲ୍ଲା ଏବଂ ନିକଟବର୍ତ୍ତୀ ଅଞ୍ଚଳର ଯୁବକ ଓ ଯୁବତୀମାନଙ୍କୁ ସଶକ୍ତ କରିବାର ଏକ ଲକ୍ଷ୍ୟ ନେଇ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଏହାର ପ୍ରମୁଖ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ପଦକ୍ଷେପ 'ରୋଶନୀ' ଅଧୀନରେ ଓରିଅନ୍ ସହଭାଗୀତାରେ ଧନ୍ଦାମୂଳକ ତାଲିମ କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। କେନ୍ଦ୍ରଟି ସମ୍ବଲପୁରର ଅଇଁଠାପାଲିସ୍ଥିତ ସରସ୍ୱତୀ ବିହାରରେ ଅବସ୍ଥିତ। ଚଳିତବର୍ଷ ମଧ୍ୟରେ ୨୦୦ରୁ ଅଧିକ ଯୁବକଯୁବତୀଙ୍କୁ ଗ୍ରାହକ ସେବା ଅଧିକାରୀ ଭାବେ ପ୍ରଶିକ୍ଷଣ ଦେଇ ନିଯୁକ୍ତି ସୁଯୋଗ ପ୍ରଦାନ କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଛି। ଦ୍ରୁତ ଗତିରେ ବଢ଼ୁଥିବା ଗ୍ରାହକ ସେବା ଶିଳ୍ପରେ ଅତ୍ୟାବଶ୍ୟକ ବୃତ୍ତିଗତ ଯୋଗାଯୋଗ, ବୈଷୟିକ ବିଶେଷଜ୍ଞତା ଏବଂ ଦକ୍ଷତା ବୃଦ୍ଧି ଆଦି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପଦକ୍ଷେପ ଅଧିନରେ ପ୍ରଶିକ୍ଷଣ ଦେବା ପରେ ସାରା ରାଜ୍ୟରେ ଅବସ୍ଥିତ ଅଗ୍ରଣୀ କମ୍ପାନୀଗୁଡ଼ିକରେ ଉକ୍ତ ଯୁବକ ଓ ଯୁବତୀମାନଙ୍କର ନିଯୁକ୍ତି ସୁନିଶ୍ଚିତ କରାଯିବ। ତାଲିମ କେନ୍ଦ୍ରର ଉଦ୍‌ଘାଟନ ଉତ୍ସବରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମାଙ୍କ ସମେତ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ତାଲିମ ନେବାକୁ ଥିବା ଯୁବକ, ଯୁବତୀ ଏବଂ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ତାଲିମ କେନ୍ଦ୍ରର ଉଦଘାଟନ ସହିତ ମୋଟ୍ ୫୦ ଜଣ (୧୧ ଯୁବକ ଏବଂ ୩୯ ଯୁବତୀ)ଙ୍କୁ ନେଇ ପ୍ରଥମ ଦୁଇଟି ବ୍ୟାଚ୍ ଆରମ୍ଭ ହୋଇଯାଇଛି। ଆଗାମୀ ତିନି ମାସ ମଧ୍ୟରେ, ସେମାନଙ୍କୁ 'କଷ୍ଟମର କେୟାର ଏକ୍ଜିକ୍ୟୁଟିଭ୍' (ଗ୍ରାହକସେବା ଅଧିକାରୀ) ଭାବରେ କାର୍ଯ୍ୟ




କରିବା ପାଇଁ ପ୍ରଶିକ୍ଷଣ ହେବା ସହିତ ସେମାନଙ୍କୁ ସାରା ଓଡ଼ିଶାର ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପ୍ରଦାନ କରିବାରେ ସହାୟତା କରାଯିବ। ଯାହା ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ରଖାଯାଇଛି।

ତାଲିମ କେନ୍ଦ୍ରର ଉଦ୍‌ଘାଟନ ଅବସରରେ କମ୍ପାନୀର ସିଇଓ ଶ୍ରୀ ବର୍ମା ଖୁସି ବ୍ୟକ୍ତ କରିବା ସହ ପ୍ରକାଶ କରିଛନ୍ତି ଯେ, ଏହା କେବଳ ପ୍ରଶିକ୍ଷଣ ନୁହେଁ, ବରଂ ଏହା ସ୍ଥାନୀୟ ଅଞ୍ଚଳର ଯୁବକ-ଯୁବତୀମାନଙ୍କୁ ସଶକ୍ତ କରି ସେମାନଙ୍କ ପାଇଁ ଏକ ଅର୍ଥପୂର୍ଣ୍ଣ ତଥା ପେଶାଗତ କ୍ୟାରିଅର ପ୍ରସ୍ତୁତ କରିବାରେ ଆମର ପ୍ରୟାସ ବୋଲି କହିଛନ୍ତି।

# ଓଆରବିଆଇଓ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୨୨।୮ (ସମିସ): ଆରବିଆଇ ଅମ୍ବୁଡ୍ସମ୍ୟାନ କାର୍ଯ୍ୟାଳୟ (ଓଆରବିଆଇଓ) ଭୁବନେଶ୍ୱର ତରଫରୁ ଶୁକ୍ରବାର ସ୍ଥାନୀୟ ଟାଉନ୍‌ହଲ୍‌ରେ ସଭା ଅନୁଷ୍ଠିତ ହୋଇଛି। ରିଜର୍ଭ ବ୍ୟାଙ୍କ ସମନ୍ୱିତ ଅମ୍ବୁଡ୍ସମ୍ୟାନ ସ୍କିମ୍ ୨୦୨୧ ସହିତ ନିରାପଦ ବ୍ୟାଙ୍କିଂ ବିଷୟରେ ସଚେତନତା ସୃଷ୍ଟି ଏବଂ ଗ୍ରାହକଙ୍କ ଅଭିଯୋଗଗୁଡ଼ିକୁ ନିରାକରଣ କରିବା ସଭାର ଉଦ୍ଦେଶ୍ୟ ଥିଲା। ଓଡ଼ିଶା ପାଇଁ ଆରବିଆଇ ଅମ୍ବୁଡ୍ସମ୍ୟାନ ନେଙ୍ଗନେଇକିମ୍ ଗୁଇଟେ ଓ ମୁଖ୍ୟ ମହାପ୍ରବନ୍ଧକ ଅଧ୍ୟକ୍ଷତା କରିଥିଲେ। ସତ୍ୟବ୍ରତ ବରୁଆ, ମହାପ୍ରବନ୍ଧକ ଓ ଉପଅମ୍ବୁଡ୍ସମ୍ୟାନ, ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ବ୍ୟାଙ୍କ/ଆରବିଆଇ ନିୟନ୍ତ୍ରିତ ସଂସ୍ଥାର ବରିଷ୍ଠ ଅଧିକାରୀ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରର ଅଧିକାରୀମାନେ ଯୋଗଦେଇଥିଲେ। ଶ୍ରୀମତୀ ଗୁଇଟେ ଅମ୍ବୁଡ୍ସମ୍ୟାନ ସ୍କିମ୍ ୨୦୨୧ ବିଷୟରେ ଆଲୋକପାତ କରିଥିଲେ। ଏହି ଯୋଜନା ଅନୁସାରେ, ଗ୍ରାହକମାନେ ବ୍ୟାଙ୍କ, ଏନବିଏଫସି, ସିଆଇସି ଓ ପେମେଣ୍ଟ ସିଷ୍ଟମ୍ ପ୍ରଦାତାଙ୍କ ବିରୋଧରେ ଆରବିଆଇ ପ୍ଲାଟଫର୍ମ ମାଧ୍ୟମରେ ଅଭିଯୋଗ କରିପାରିବେ। ଯଦି ନିୟନ୍ତ୍ରିତ ସଂସ୍ଥାମାନଙ୍କ ଦ୍ୱାରା ଲିଖିତ ଅଭିଯୋଗର ସମାଧାନ ୩୦ ଦିନ ମଧ୍ୟରେ ନ ହୁଏ, ତେବେ ଗ୍ରାହକମାନେ ଏହାକୁ ଆରବିଆଇ ୱେବସାଇଟ କିମ୍ବା ସିଆରପିସି କାର୍ଯ୍ୟାଳୟ ଚଣ୍ଡିଗଡ଼କୁ ଚିଠି ମାଧ୍ୟମରେ ଅଭିଯୋଗ କରିବେ। ଡିଜିଟାଲ୍ ଆରେଷ୍ଟ ପରି ବିଭିନ୍ନ ସାଇବର ଠକେଇ ବିଷୟରେ ସଚେତନ କରାଯାଇଥିଲା। କାହାକୁ ସମ୍ବେଦନଶୀଳ ସୂଚନା ନ ଦେବାକୁ ଗ୍ରାହକମାନଙ୍କୁ ପରାମର୍ଶ ଦିଆଯାଇଥିଲା।






ସାମାନ୍ୟ ବର୍ଷାରେ ସମ୍ବଲପୁର ପ୍ରଧାନପଡ଼ା ଅଞ୍ଚଳରେ ଘରେ ପଶିଲା ପାଣି।



ପାଣିରେ ବୁଡ଼ିଲା ସମ୍ବଲପୁର ଅଇଁଠାପାଲି ଛକ - ବରେଇପାଲି ଛକ ସର୍ଭିସ ରୋଡ୍।

# ଦୁର୍ଗାପାଲି ଓଭର ବ୍ରିଜରେ ପୁଣି ଫାଟ

## ବାରମ୍ବାର ମରାମତି ପରେ ବି ଗାତ ଲୁଚୁନି

ସମ୍ବଲପୁର, ୨୨।୮ (ସମିସ): ହାଲୁକା ବର୍ଷା ହେଲେ ଖାଲ ହେଉଛି। ତୁରନ୍ତ ମରାମତି ମଧ୍ୟ କରାଯାଉଛି। ହେଲେ କିଛି ଦିନ ପରେ ପୁଣି ଅନ୍ୟତ୍ର ଖାଲ ହେଉଛି। ଜିଲ୍ଲା ପୂର୍ତ୍ତ ବିଭାଗ ବାରମ୍ବାର ମରାମତି ପରେ ମଧ୍ୟ ଗାତକୁ ଲୁଚାଇ ପାରୁନଥିବା ଚର୍ଚ୍ଚା ହେଉଛି। ଏହି ଘଟଣା କୌଣସି ପୁରୁଣା ରାସ୍ତା କିମ୍ବା ବ୍ରିଜର ନୁହେଁ। ଏ ହେଉଛି ୩ ମାସ ପୂର୍ବରୁ ଉଦ୍‌ଘାଟିତ ହୋଇଥିବା ଦୁର୍ଗାପାଲି ଓଭରବ୍ରିଜର ଘଟଣା। ଉଦ୍‌ଘାଟନ ହେବାର ୩ ମାସ ଭିତରେ ଓଭରବ୍ରିଜର ବିଭିନ୍ନ ସ୍ଥାନରେ ୪ ଥରରୁ ଅଧିକ ଫାଟ ସୃଷ୍ଟି ହେଲାଣି। ବିଭାଗ ତରବରିଆ ଭାବେ କାମ ମଧ୍ୟ ଶେଷ କରୁଛି। କିନ୍ତୁ ଫିଟ ଲୁଚିବା ବଦଳରେ ଅନ୍ୟତ୍ର ଦେଖାଦେଉଛି। ଶୁକ୍ରବାର ମଧ୍ୟ ଏହି ବ୍ରିଜରେ ଫାଟ ସୃଷ୍ଟି ହୋଇଛି। ତରବରିଆ ଭାବେ ମରାମତି କରାଯାଇଛି। ସୂଚନା ଅନୁସାରେ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ପୂର୍ତ୍ତ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଓଭରବ୍ରିଜ ନିର୍ମାଣ କରାଗଲା। କିନ୍ତୁ ଲୋକଙ୍କ କାମରେ ଲାଗିବା ବଦଳରେ ଖୋଦ ବ୍ରିଜ ମରାମତି କାମ ମାଗୁଛି। ରାଜ୍ୟ ସରକାରଙ୍କ ପୂର୍ତ୍ତବିଭାଗର ଖାମଖିଆଲ କାମ ପଦାରେ ପଡ଼ିଛି। ନୂତନ ଭାବେ ତିଆରି ହୋଇଛିବା ଓଭର ବ୍ରିଜ ଗତ ମେ ୨୫ ତାରିଖ ଉଦ୍‌ଘାଟନ ହୋଇଥିଲା। ଉଦ୍‌ଘାଟନର ୨୪ ଘଣ୍ଟା ଭିତରେ ରାସ୍ତାର ପିଚୁ ତଳକୁ ଦବି ଯାଇଥିଲା। ନୂତନ ଓଭରବ୍ରିଜରେ ବାରମ୍ବାର ଫାଟ ସୃଷ୍ଟି ହେବା ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ସମ୍ବଲପୁରବାସୀ। ରାଜ୍ୟ ସରକାରଙ୍କ ପୂର୍ତ୍ତବିଭାଗ ତରଫରୁ ସମ୍ବଲପୁର ଦୁର୍ଗାପାଲି ରେଳବାଇ ଓଭରବ୍ରିଜର ୬୦ କୋଟି ୪୩ ଲକ୍ଷ ୭୮ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। କିନ୍ତୁ ଏତେ ଟଙ୍କାର ବ୍ରିଜରେ ବାରମ୍ବାର କିପରି ଫାଟ ସୃଷ୍ଟି ହେଉଛି ତାହାକୁ ନେଇ ସବୁଠି ଚର୍ଚ୍ଚ ହେଉଛି। ବ୍ରିଜରେ ଫାଟ ସୃଷ୍ଟି ହେବା ମାତ୍ରେ ପୂର୍ତ୍ତ ବିଭାଗକୁ ସୋସିଆଲ ମିଡ଼ିଆରେ ଟ୍ରୋଲ କରାଯାଉଛି। ପୂର୍ତ୍ତ ବିଭାଗ ନିଜର ଅପାରଗତାକୁ ଲୁଚାଇବା ପାଇଁ ପିଚୁ ଉପରେ ପ୍ୟାଚ ପକାଇଥିବା ନଜିର ରହିଛି। ତରବରିଆ ଭାବରେ ନିମ୍ନମାନର ପିଚୁ ଢାଳି ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିଥିବା କଥା ସାଧାରଣ ଜନତାଙ୍କ ମଧ୍ୟରେ ଆଲୋଚିତ ହେଉଛି। ବାରମ୍ବାର ବ୍ରିଜ ଫାଟିଲାଣି, ତେଣୁ ଆଗକୁ କଣ ପରିସ୍ଥିତି ସୃଷ୍ଟି ହେବ ତାହା ନେଇ ସମ୍ବଲପୁରବାସୀ ଚିନ୍ତିତ ରହିଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି।



- ନିମ୍ନମାନର କାମ ପାଇଁ ପୂର୍ତ୍ତ ବିଭାଗକୁ ତାଚ୍ଛଲ୍ୟ
- ଉଦ୍‌ଘାଟନର ୩ ମାସରେ ୪ଥର ଫାଟିଲାଣି

# ମହାନଗର ନିଗମର ବିଭିନ୍ନ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

ସମ୍ବଲପୁର, ୨୨।୮ (ସମିସ): ରେଙ୍ଗାଲି ବିଧାନସଭା କ୍ଷେତ୍ର ଅଧିନରେ ସମ୍ବଲପୁର ମହାନଗର ନିଗମର ୧୨ଟି ୱାର୍ଡ ରହିଛି। ସେଗୁଡ଼ିକ ହେଲା - ୱାର୍ଡ ନଂ. ୧, ୨, ୧୨, ୨୦, ୨୮, ୨୯ ଏବଂ ୩୬ରୁ ୪୧। ଏହି ଅଞ୍ଚଳରେ ହେଉଥିବା ଉନ୍ନୟନ କାର୍ଯ୍ୟ ସହ ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ଆଜି ମହାନଗର ନିଗମ ହଲ୍‌ରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ବିଧାୟକ ଶ୍ରୀ ହରିପାଲ ଅଧ୍ୟକ୍ଷତା କରିଥିବାବେଳେ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ସମସ୍ତ ବିଭାଗୀୟ ଡେପୁଟି କମିଶନର ତଥା ଲାଇନ ଡିପାର୍ଟମେଣ୍ଟ ୱାଟ୍‌କୋ, ସ୍ୱେରେଜ ଆଦିର ଅଧିକାରୀମାନେ ଉପସ୍ଥିତ ଥିଲେ। ରେଙ୍ଗାଲି ବିଧାୟକ ଶ୍ରୀ ହରିପାଲଙ୍କ ସହ ମହାନଗର ନିଗମର ଏହା ପ୍ରଥମ ବୈଠକ ହୋଇଥିବାବେଳେ ମୁଖ୍ୟତଃ ସମ୍ପୃକ୍ତ ଅଞ୍ଚଳରେ ମହାନଗର ନିଗମର ବିଭିନ୍ନ କାର୍ଯ୍ୟ ଏବଂ ଆଗାମୀ ଦିନର ଯୋଜନା ବିଷୟରେ ସେ ଅବଗତ ହୋଇଥିଲେ। ଏହାସହ ସେ ମୌଳିକ ସୁବିଧା ସୁଯୋଗର ସମୀକ୍ଷା ମଧ୍ୟ କରିଥିଲେ। ଆଗାମୀ ଦିନରେ ପ୍ରତି ତିନିମାସରେ ସମୀକ୍ଷା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆୟୁଷ୍ମାନ ଭାରତ, ରାସ୍ତାଘାଟ ଓ ପୋଲ ପାଇଁ ଇଞ୍ଜିନିୟରିଂ ପ୍ରସ୍ତାବ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ସହରୀ ଆବାସ, ଜାଗା ମିଶନ, ଷ୍ଟ୍ରିଟ୍ ଲାଇଟ୍, ପାନୀୟଜଳ ଯୋଗାଣ, ଗରିମା, ଭତ୍ତା, ପ୍ରାଥମିକ ସ୍କୁଲ ଭିତ୍ତିଭୂମି, ଆହାର ଆଦିରେ କ'ଣ ସବୁ ପ୍ଲାନ ରହିଛି ଏବଂ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟ ପାଇଁ କେତେ ପାଣ୍ଠି ଆସିଛି ତାହା ଆଲୋଚନା ହୋଇଥିଲା। ପରିମଳ କ୍ଷେତ୍ରରେ ୱାର୍ଡ ଗୁଡ଼ିକରେ ନିୟମିତ ସଫେଇ, ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଡ୍ରେନ, ରାସ୍ତା ଆଦି ନିର୍ମାଣ, ସମସ୍ତ ୱାର୍ଡରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା, ବିଭିନ୍ନ ଯୋଜନା ପାଇଁ ପାଣ୍ଠି ବ୍ୟବସ୍ଥା ଆଦି ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ତଥ୍ୟ ରଖିଥିଲେ। ମୁକ୍ତା ଯୋଜନାରେ ଏସଏଚଜି କାମ ସାରିଲେଣି କିନ୍ତୁ ସେମାନଙ୍କୁ ଦେୟ ମିଳିନଥିବା ନେଇ ବିଧାୟକ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ, ସେଥିସକାଶେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅବଗତ କରିଥିବାବେଳେ ପାଣ୍ଠି ଆସିନଥିବା ସମ୍ପୃକ୍ତ ଡେପୁଟି କମିଶନର ଜଣାଇଥିଲେ। ୱାର୍ଡ ନଂ ୨ରେ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ବିଷୟରେ ବିଧାୟକ କହିଥିବାବେଳେ ୧୦ ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ମହାନଗର ନିଗମ ଆୟୁକ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଯେକୌଣସି ୱାର୍ଡରେ କାର୍ଯ୍ୟ ହେବା ସମୟରେ ଜନପ୍ରତିନିଧିଙ୍କୁ ଅବଗତ ଏବଂ ସାମିଲ କରିବାକୁ ବିଧାୟକ ଶ୍ରୀ ହରିପାଲ କହିଛନ୍ତି। ସମସ୍ତ ୱାର୍ଡର ଉନ୍ନୟନମୂଳକ କାର୍ଯ୍ୟକୁ ଜନପ୍ରତିନିଧି ଓ ଅଫିସିଆଲ ମିଶି କରିବାଦ୍ୱାରା ଏହାର କାର୍ଯ୍ୟାନ୍ୱୟନ ସଫଳ ଓ ସହଜ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ନାବାଳିକା ଅସଦାଚରଣକାରୀଙ୍କୁ ୫ ଓ ୬ ବର୍ଷ ଜେଲ୍

ସମ୍ବଲପୁର, ୨୨।୮ (ସମିସ): ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ବିଚାର କରି ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ଦୁଇ ଅଭିଯୁକ୍ତ ସୁଦାମ ସେଠୀ (୨୫) ଓ ଟିକିନା ସେଠୀ (୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଫା ୧୦ ପୋକ୍‌ସୋ ଆକ୍ଟରେ ଅଭିଯୁକ୍ତ ସୁଦାମ ସେଠୀକୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା କରିଥିବାବେଳେ ଦଫା ୩୪୧ ଆଇପିସି ଏବଂ ୧୦ ପୋକ୍‌ସୋ ଆକ୍ଟରେ ଅଭିଯୁକ୍ତ ଟିକିନା ସେଠୀକୁ ୬ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜୋରିମାନା ଅନାଦେୟ ହେଲେ ଅଭିଯୁକ୍ତ ଅଧିକ ୧ ମାସ ଲେଖାଏଁ ଜେଲଦଣ୍ଡ ଭୋଗିବେ। ସୂଚନା ଅନୁଯାୟୀ, ଘଟଣାଟି ରେଢ଼ାଖୋଲ ଥାନା ଅଞ୍ଚଳରେ ଘଟିଥିଲା। ଘଟଣା ଦିନ ୧୩-୧୦-୨୦୧୯ ସନ୍ଧ୍ୟାରେ ପୀଡ଼ିତା (୧୨) ଗାଁମୁଣ୍ଡରେ ହେଉଥିବା ଜହ୍ନି ଓଷା ଦେଖିବା ପାଇଁ ଯାଇଥିଲା। ସନ୍ଧ୍ୟାରେ ଏକାକୀ ଯାଉଥିବା ଦେଖି ଉଭୟ ଅଭିଯୁକ୍ତ ସୁଦାମ ସେଠୀ ଓ ଟିକିନା ସେଠୀ ପୀଡ଼ିତାକୁ ଅଟକାଇ ଅସଦାଚରଣ କରିଥିଲେ। ପୀଡ଼ିତା ପାଟି କରିବାରୁ ଅଭିଯୁକ୍ତମାନେ ସେଠାରୁ ଚାଲିଯାଇଥିଲେ। ପରେ ପୀଡ଼ିତା ଘରକୁ ଯାଇ ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ତା'ପରଦିନ ପୀଡ଼ିତା ରେଢ଼ାଖୋଲ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ରେଢ଼ାଖୋଲ ଥାନା କେସ ନଂ. ୨୨୯/୧୪ତା୧୦.୨୦୧୯ ରେ ମାମଲା ରୁଜୁକରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ରେଢ଼ାଖୋଲ ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଶୁକ୍ରବାର ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଳାଷ ସେନାପତି ୧୨ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ସୁଦାମ ସେଠୀ ଓ ଟିକିନା ସେଠୀକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

- ସାମାଜିକ ଗଣମାଧ୍ୟମରେ ପୁଣି ସମଲେଇ ମନ୍ଦିର ଚର୍ଚ୍ଚାରେ

# ଭୋଗମଣ୍ଡପରେ ଗଙ୍ଗା ଭୋଜି କାର୍ଯ୍ୟକ୍ରମକୁ ନାପସନ୍ଦ

ସମ୍ବଲପୁର, ୨୨।୮ (ସମିସ): ପଶ୍ଚିମ ଓଡ଼ିଶାର ଆଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ସମଲେଶ୍ୱରୀ। ସମ୍ବଲପୁର ଠାରେ ମା'ଙ୍କ ମନ୍ଦିରରେ ପ୍ରତି ଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ହେଲେ ମନ୍ଦିର ପରିସରରେ ଘଟୁଥିବା କିଛି ଘଟଣାକୁ ନେଇ ମନ୍ଦିର ପରିଚାଳନା କମିଟି ପ୍ରାୟ ସମୟରେ ଚର୍ଚ୍ଚା ପରିସର ଭୁକ୍ତ ହେଉଛି। କିଛି ଦିନ ପରେ ପୁଣି ଆଉ ଏକ ଘଟଣାକୁ ସୋସିଆଲ ମିଡ଼ିଆରେ ନାପସନ୍ଦ କରୁଥିବା ଜଣପଡ଼ିଛି। କିଛି ଦିନ ପୂର୍ବରୁ ମନ୍ଦିର ମୁଖଶାଳାରେ ପ୍ରସାଦ ସେବନ ସହ ସୋସିଆଲ ମିଡ଼ିଆରେ ଭିଡ଼ିଓ ଛାଡିବା ଘଟଣା, ଚାଲିବା ରାସ୍ତାରେ ମାଲ ବୋଝେଇ ଟ୍ରାକ୍ଟର ଯାତାୟତ କରିବା ଘଟଣାକୁ ତୀବ୍ର ବିରୋଧ କରାଯାଇଥିଲା। ସେହିକ୍ରମରେ ପୁଣି ଭୋଗ ମଣ୍ଡପରେ ଶ୍ରାଦ୍ଧ ଭୋଜି ଖାଇବକୁ ନେଇ ସୋସିଆଲ ମିଡ଼ିଆରେ ନାପସନ୍ଦ କରାଯାଇଛି। ସୂଚନା ଅନୁସାରେ ଗତକାଲି ମନ୍ଦିର ଭୋଗ ମଣ୍ଡପରେ ଶ୍ରାଦ୍ଧକ୍ରିୟାର କାର୍ଯ୍ୟକ୍ରମ ରହିଥିଲା। ପ୍ରାୟ ୨୦୦ ଲୋକଙ୍କ ପାଇଁ ଭୋଗର ଆୟୋଜନ ରହିଥିଲା। ଭୋଗ ମଣ୍ଡପ ସମ୍ମୁଖରେ ମୃତ ବ୍ୟକ୍ତିଙ୍କ ଫୋଟ ରଖି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଥିଲା। ପରେ ସମସ୍ତେ ଭୋଗ ସେବନ କରିଥିଲେ। ଏହି ଘଟଣା ସୋସିଆଲ ମିଡ଼ିଆରେ ବ୍ୟାପିବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। 'ସମ୍ବଲପୁରୀଆ' ହ୍ୱାଟସଅପ ଗ୍ରୁପରେ ଏହାକୁ ନେଇ ବିଭିନ୍ନ ଲୋକ ମତ ପ୍ରକାଶ କରିଛନ୍ତି। ସମ୍ବଲପୁରର ବିପ୍ଳବ ଡନସେନା କହିଛନ୍ତି, ଏହି ମନ୍ଦିରକୁ ପ୍ରତିଦିନ ଅନେକ ସଂଖ୍ୟାରେ ଭକ୍ତମାନେ ଆସୁଛନ୍ତି। ଭୋଗ ମଣ୍ଡପରେ ଭୋଗ ସେବନ କରିବାର ସବୁଧା ମଧ୍ୟ ପାଉଛନ୍ତି। କିନ୍ତୁ ମନ୍ଦିର ପରିସରରେ ଶ୍ରାଦ୍ଧଭୋଜିର କାର୍ଯ୍ୟକ୍ରମ କରିବା ମନ୍ଦିର ପରିଚାଳନା କମିଟିକୁ ପ୍ରଶ୍ନ କରାଯାଇଛି। କିଛି ଦିନ ପୂର୍ବରୁ ଇନଫ୍ଲୁଏନସର ମାନେ ମୁଖ ଶାଳାରେ ପଲିଥିନରେ ଭୋଗ ନେଇ ଖାଇବା ସହ ଭିଡ଼ିଓ ପୋଷ୍ଟ କରିବାକୁ ମଧ୍ୟ ନାପସନ୍ଦ କରାଯାଇଛି। ପରିଚାଳନା କମିଟିକୁ ଯୋଗଯୋଗ ସମ୍ଭବ ପର ହୋଇପାରିନାହି।

## 'ନାନୋ' ଗବେଷଣାରେ କୃତିତ୍ୱ



କ୍ଷୁଦ୍ରାତିକ୍ଷୁଦ୍ର ନାନୋ ସେରାମିକ୍ସ ପଦାର୍ଥର ବିବିଧ ପ୍ରୟୋଗ ତଥା ସମ୍ଭାବ୍ୟ ଉପଯୋଗିତା ସମ୍ବନ୍ଧରେ ଦୀର୍ଘ ଛଅ ବର୍ଷ ଗବେଷଣା କରି ଯୁବ ଗବେଷକ ଅର୍ପିତା ପ୍ରିୟଦର୍ଶିନୀ ଦୀକ୍ଷିତ କିଟ୍ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ତାଙ୍କ ଗବେଷଣା ଭୌତିକ ବିଜ୍ଞାନ ଓ ନାନୋ ପ୍ରଯୁକ୍ତିର ଅଭିନବତାକୁ ପ୍ରସାରିତ କରିଛି। ଏହା ପୂର୍ବରୁ ସେ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ, ସରାଙ୍ଗରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଅର୍ପିତାଙ୍କ ସନ୍ଦର୍ଭଟି କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ଏସ୍.କେ. ଏସ୍. ପରାଶରଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତ। ଆଇ.ଆଇ.ଟି., ରୁର୍କିର ପ୍ରଫେସର ରମେଶ ଚନ୍ଦ୍ର ସନ୍ଦର୍ଭର ଉଚ୍ଚ ପ୍ରଶଂସା କରିଛନ୍ତି। ଅର୍ପିତା ନେଦରଲ୍ୟାଣ୍ଡର ମାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟରେ ସୋସିଆଲ ରୋବଟିକ୍ସ ସମ୍ବନ୍ଧରେ ଗବେଷଣା ଜାରି ରଖିଥିବା ଡ ଚିନ୍ମୟ ମିଶ୍ରଙ୍କ ଧର୍ମପତ୍ନୀ। ପୁରୀରେ ଅବସ୍ଥାନ କରୁଥିବା କବି ତଥା ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡ଼ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ର (ପତି)ଙ୍କ ସେ ପୁତ୍ରବଧୂ ତଥା ସୋର ନିକଟସ୍ଥ ଅଙ୍କବ୍ରହ୍ମପୁର ନିବାସୀ ଶ୍ରୀ ମନୋଜ କୁମାର ଦୀକ୍ଷିତ ଓ ଶ୍ରୀମତୀ ଦୀପିକା ଦୀକ୍ଷିତଙ୍କ ଜ୍ୟେଷ୍ଠା କନ୍ୟା। ସ୍ୱଗ୍ରାମର ପ୍ରଥମ ପିଏଚଡ଼ି ହିସାବରେ ସେ ସମସ୍ତଙ୍କ ପ୍ରଶଂସା ଭାଜନ ହେବା ସହ ଯୁବପିଢ଼ୀଙ୍କ ନିମନ୍ତେ ପ୍ରେରଣାମୟ ଉଦାହରଣ ସୃଷ୍ଟି କରିଛନ୍ତି। ଭୌତିକ ବିଜ୍ଞାନ କ୍ଷେତ୍ରରେ ନାନୋ ପ୍ରଯୁକ୍ତିର ଅଧ୍ୟୟନ ତଥା ପରିବେଶ ଅନୁକୂଳ ପ୍ରଦୂଷଣ ମୁକ୍ତ ସେରାମିକ୍ସ ଉପାଦାନ ବିକଶିତ କରି ତାହା ସାହାଯ୍ୟରେ ଯନ୍ତ୍ରାଂଶ ଓ ଉପକରଣ ନିର୍ମାଣ ସମ୍ବନ୍ଧରେ ତାଙ୍କ ଗବେଷଣା ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚିତ ହୋଇଛି।

# ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଦିଲ୍ଲୀ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ସହଯୋଗ ରାଶି

ସମ୍ବଲପୁର, ୨୨।୮ (ସମିସ): ସମ୍ପ୍ରତି ଦେଶର ବିଭିନ୍ନ ସ୍ଥାନରେ ବାତ୍ୟା ଓ ବନ୍ୟା ତାର କରାଳ ବିଭିଷିକା ଦେଖାଉଛି। ସାମ୍ପ୍ରତିକ ଘଟଣାକୁ ନେଇ ଦେଶର ଭବିଷ୍ୟତ ପିଢ଼ି ସବୁ ସମୟରେ ଅନନ୍ୟ ଉଦ୍ୟମ କରି ଆସୁଛନ୍ତି। ସମ୍ବଲପୁରର ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ସେଭଳି ଏକ ମହତ୍ ପ୍ରୟାସ କରିଛନ୍ତି। ସେମାନେ ନିଜ ନିଜ ଭିତରେ ଅର୍ଥ ରାଶି ସଂଗ୍ରହ କରି ଉତ୍ତରାଖଣ୍ଡର ଧରାଲି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨୨ ହଜାର ୫ ଶହ ଟଙ୍କା ଆଜି ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଭଳି ଉଦ୍ୟମକୁ ପ୍ରଶଂସା କରିବାସହ ସ୍ୱଚ୍ଛତା ଉପରେ ଫୋକସ୍ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳଙ୍କ ସହ କଥାବାର୍ତ୍ତା ସମୟରେ ଛାତ୍ରଛାତ୍ରୀମାନେ ସିଭିଲ ସର୍ଭିସ ପରୀକ୍ଷା ସକାଶେ ପ୍ରସ୍ତୁତି ବିଷୟରେ ପଚାରି ବୁଝିଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର ସ୍ନାତକ ଡିଗ୍ରୀ ହାସଲ କରିବାପରେ ପ୍ରସ୍ତୁତି ଆରମ୍ଭ କରିଥିବା କହିବାସହ ବର୍ତ୍ତମାନର ପାଠ୍ୟକ୍ରମ ଉପରେ ଫୋକସ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ଶୀଘ୍ର ଦିଲ୍ଲୀ ପବ୍ଲିକ ସ୍କୁଲରେ ଏକ ସିଭିଲ ସର୍ଭିସ ପ୍ରିପାରେସନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସେ ପ୍ରତିଶ୍ରୁତି ନେଇଥିଲେ। ଡିପିଏସ୍ ଛାତ୍ରଛାତ୍ରୀଙ୍କ ସହ ପ୍ରଶାସନିକ ଷ୍ଟାଫ୍ ଶିବାନନ୍ଦ ପଣ୍ଡା ଓ ଶିକ୍ଷୟିତ୍ରୀ ସୀମା ଉପସ୍ଥିତ ଥିଲେ।

# ଷ୍ଟେସନ ଆଧୁନିକୀକରଣ ପାଇଁ ଟ୍ରେନ ବାତିଲ ଓ ମାର୍ଗପରିବର୍ତ୍ତନ

ସମ୍ବଲପୁର, ୨୨।୮ (ସମିସ) : ଦକ୍ଷିଣ ପୂର୍ବ ରେଳବାଇର ଚକ୍ରଧରପୁର ଡିଭିଜନର ଝାରସୁଗୁଡା ଷ୍ଟେସନରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଦେଇ ଚଳାଚଳ କରୁଥିବା କିଛି ଟ୍ରେନ୍ ସେବା ପ୍ରଭାବିତ ହେବ। ଏଥିମଧ୍ୟରେ ୧୦ଟି ଟ୍ରେନ୍‌କୁ ବାତିଲ କରାଯାଇଛି। ରାଉରକେଲା-ପୁରୀ-ରାଉରକେଲା ଏକ୍ସପ୍ରେସ ଅଗଷ୍ଟ ୨୪ ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ, ୪ ତାରିଖ ଏବଂ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ। ସେହିଭଳି ଝାରସୁଗୁଡା-ସମ୍ବଲପୁର-ଝାରସୁଗୁଡା ମେମୁ ଅଗଷ୍ଟ ୨୪ ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଏବଂ ସେପ୍ଟେମ୍ବର ୪ ରୁ ୯ ତାରିଖ ପର୍ଯ୍ୟନ୍ତ; ବିଶାଖାପାଟଣା-ବନାରସ ଏକ୍ସପ୍ରେସ ଅଗଷ୍ଟ ୨୭ ଓ ୩୧, ସେପ୍ଟେମ୍ବର ୭ ଓ ୧୦ ତାରିଖ; ବନାରସ -ବିଶାଖାପାଟଣା ଏକ୍ସପ୍ରେସ ଅଗଷ୍ଟ ୨୮, ସେପ୍ଟେମ୍ବର ୧, ୮ ଓ ୧୧ ତାରିଖ; ସମ୍ବଲପୁର - ଜମ୍ମୁ ତାୱି ଏକ୍ସପ୍ରେସ୍ ସେପ୍ଟେମ୍ବର ୯ ତାରିଖ; ଜମ୍ମୁ ତାୱି - ସମ୍ବଲପୁର ଏକ୍ସପ୍ରେସ୍ ସେପ୍ଟେମ୍ବର୧୧ ତାରିଖ; ଗୋରଖପୁର-ସମ୍ବଲପୁର ଏକ୍ସପ୍ରେସ୍ ସେପ୍ଟେମ୍ବର ୮ ତାରିଖ; ସମ୍ବଲପୁର - ଗୋରଖପୁର ଏକ୍ସପ୍ରେସ୍ ସେପ୍ଟେମ୍ବର ୯ ତାରିଖ; ଟିଟିଲାଗଡ଼-ହାୱଡା ଇସ୍ପାତ ଏକ୍ସପ୍ରେସ୍ ଅଗଷ୍ଟ ୨୪, ୨୬, ୨୮ ଏବଂ ସେପ୍ଟେମ୍ବର ୯ ତାରିଖ ଏବଂ କଣ୍ଟାବାଞ୍ଜି- ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ ଅଗଷ୍ଟ ୩୦ ଏବଂ ସେପ୍ଟେମ୍ବର ୧ ଓ ୮ ତାରିଖରେ ବାତିଲ ରହିବ।

ଏହାସହ ୫ଟି ଟ୍ରେନ୍ ଗୁଡ଼ିକର ଗନ୍ତବ୍ୟ ସ୍ଥଳ ପୂର୍ବରୁ ବାତିଲ କରାଯାଇଛି। ଗୋରଖପୁରରୁ ଛାଡୁଥିବା (ଗୋରଖପୁର-ସମ୍ବଲପୁର) ମୌର୍ଯ୍ୟ ଏକ୍ସପ୍ରେସ୍ ଅଗଷ୍ଟ ୨୩, ୨୫, ୨୭, ୨୯ ଓ ୩୧ ତାରିଖ ହଟିଆ ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ। ହଟିଆରୁ ସମ୍ବଲପୁର ମଧ୍ୟରେ ଟ୍ରେନ ସେବା ବାତିଲ ରହିବ। ସମ୍ବଲପୁରରୁ ଛାଡୁଥିବା (ସମ୍ବଲପୁର - ଗୋରଖପୁର) ମୌର୍ଯ୍ୟ ଏକ୍ସପ୍ରେସ ଅଗଷ୍ଟ ୨୪, ୨୬, ୨୮, ୩୦ ଏବଂ ସେପ୍ଟେମ୍ବର ୧ ତାରିଖରେ ହଟିଆ ଷ୍ଟେସନରୁ ଯାତ୍ରା ଆରମ୍ଭ କରିବ। ସମ୍ବଲପୁରରୁ ହଟିଆ ମଧ୍ୟରେ ଟ୍ରେନ ସେବା ବାତିଲ ରହିବ। ହାଓଡ଼ାରୁ ଛାଡୁଥିବା (ହାୱଡା- କଣ୍ଟାବାଞ୍ଜି) ଇସ୍ପାତ ଏକ୍ସପ୍ରେସ ଅଗଷ୍ଟ ୨୪, ୨୬, ୨୮ ଏବଂ ସେପ୍ଟେମ୍ବର ୯ ତାରିଖରେ ରାଉରକେଲା ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ। ରାଉରକେଲା ରୁ କଣ୍ଟାବାଞ୍ଜି ମଧ୍ୟରେ ଟ୍ରେନ ସେବା ବାତିଲ ରହିବ। ହାଓଡ଼ାରୁ ଛାଡୁଥିବା (ହାଓଡ଼ା-ଟିଟଲାଗଡ଼) ଇସ୍ପାତ ଏକ୍ସପ୍ରେସ ଅଗଷ୍ଟ ୩୦, ସେପ୍ଟେମ୍ବର ୧ ଏବଂ ୮ ତାରିଖରେ ରାଉରକେଲା ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ। ରାଉରକେଲା ରୁ ଟିଟଲାଗଡ଼ ମଧ୍ୟରେ ଟ୍ରେନ ସେବା ବାତିଲ ରହିବ। (ପୁରୀ-ରାଉରକେଲା-ପୁରୀ) ବନ୍ଦେ ଭାରତ ଏକ୍ସପ୍ରେସ ଅଗଷ୍ଟ ୨୪, ୨୬, ୨୮, ୩୦ ଏବଂ ସେପ୍ଟେମ୍ବର ୧ ତାରିଖରେ ଝାରସୁଗୁଡ଼ା ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ। ଝାରସୁଗୁଡା-ରାଉରକେଲା-ଝାରସୁଗୁଡା ମଧ୍ୟରେ ଟ୍ରେନ ସେବା ବାତିଲ ରହିବ।

ଏହି ଆଧୁନିକୀକରଣ ଟ୍ରେନର ମାର୍ଗ ପରିବର୍ତ୍ତନ କରିଛନ୍ତି। ପୁରୀ - ଯୋଗନଗରୀ ଋଷିକେଶ ଉତ୍କଳ ଏକ୍ସପ୍ରେସ ଅଗଷ୍ଟ ୨୩, ୨୫, ୨୭, ୨୯, ୩୧ ଏବଂ ସେପ୍ଟେମ୍ବର ୮ ତାରିଖରେ ଏହାର ମୂଳ ରୁଟ୍ ଯେପରିକି କଟକ, ଭଦ୍ରକ, ହିଜଲି, ଟାଟା, ରାଉରକେଲା, ଝାରସୁଗୁଡା ଜଙ୍କସନ, ଇବ ପରିବର୍ତ୍ତେ କଟକ, ସମ୍ବଲପୁର ସିଟି, ଝାରସୁଗୁଡା ରୋଡ୍-ଇବ ଦେଇ ଚଳାଚଳ କରିବ। ଯୋଗ ନଗରୀ ଋଷିକେଶ - ପୁରୀ ଉତ୍କଳ ଏକ୍ସପ୍ରେସ ଅଗଷ୍ଟ ୨୬, ୨୮, ୩୦ ଏବଂ ସେପ୍ଟେମ୍ବର ୧, ୮ ଓ ୯ ତାରିଖରେ ଏହାର ମୂଳ ରୁଟ୍ ଯଥା - ଇବ, ଝାରସୁଗୁଡା ଜଙ୍କସନ, ଇବ, ରାଉରକେଲା, ଟାଟା, ହିଜଲି, ଭଦ୍ରକ, କଟକ ପରିବର୍ତ୍ତେ ଇବ, ଝାରସୁଗୁଡା ରୋଡ୍, ସମ୍ବଲପୁର ସିଟି, କଟକ, ହିଜଲି, ଭଦ୍ରକ, କଟକ ଦେଇ ଚଳାଚଳ କରିବ। ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ଅଗଷ୍ଟ ୩୧ ତାରିଖରେ ଏହାର ମୂଳ ରୁଟ୍ ଯଥା, ଗୋମୋ, ଚକ୍ରଧରପୁର, ରାଉରକେଲା, ଝାରସୁଗୁଡା, ଅନୁଗୁଳ, କଟକ ପରିବର୍ତ୍ତେ ଗୋମୋ, ଆଦ୍ରା, ମିଦିନାପୁର, ହିଜଲି, ଭଦ୍ରକ, କଟକ ଦେଇ ଚଳାଚଳ କରିବ। ଗୋଟିଏ ଟ୍ରେନ ପୁନଃନିର୍ଦ୍ଧାରିତ ହୋଇଛି। ଟ୍ରେନ୍ ନମ୍ବର ୧୮୩୦୯ ସମ୍ବଲପୁର-ଜାମ୍ମୁ ତାୱି ଏକ୍ସପ୍ରେସ ସେପ୍ଟେମ୍ବର ୨ ତାରିଖରେ ସମ୍ବଲପୁରରୁ ୬ ଘଣ୍ଟା ବିଳମ୍ବରେ ଛାଡିବ।



# ବର୍ଷା ବିପ୍ୱାତ; ଫୁଲିଲା ବସୁନ୍ଧରା

ଝାରସୁଗୁଡ଼ା, ୨୨।୮ (ସମିସ): ଝାରସୁଗୁଡ଼ା ଜିଲ୍ଲାରେ କିଛିଦିନ ଧରି ଲଗାଣ ବର୍ଷା ଯୋଗୁଁ ବିପ୍ୱାତ ଦେଖାଦେଇଛି। ଝାରସୁଗୁଡ଼ା ଜିଲ୍ଲାସଦର ବ୍ଲକ ଅନ୍ତର୍ଗତ ରାଜପୁର ବସୁନ୍ଧରା ନଦୀ ଫୁଲୁଥିବା ଦେଖିବାକୁ ମିଳିଛି। ଗୁରୁବାର ରାତିରୁ ଲଗାଣ ବର୍ଷା ଯୋଗୁଁ



ବସୁନ୍ଧରା ନଦୀରେ ପ୍ରବଳ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ରାଜପୁର ବସୁନ୍ଧରା ନଦୀ ବ୍ରିଜ୍ ଅବସ୍ଥା ସଙ୍କଟାପନ୍ନ ହେବାସହ ଭାଙ୍ଗିଯିବା ଭଳି ପରିସ୍ଥିତି ଦେଖାଦେଇଛି। ଏହି ରାସ୍ତା ଦେଇ ଲୋକେ ଯାତାୟାତ କରିବା ପାଇଁ ଭୟ କରୁଛନ୍ତି। ଗତକାଲି ରାତିରୁ ଝାରସୁଗୁଡା ଜିଲ୍ଲା ତଥା ନଦୀର ଉପରମୁଣ୍ଡ ସୁନ୍ଦରଗଡ଼ ଅଞ୍ଚଳରେ ଲଗାଣ ବର୍ଷା ଫଳରେ ବସୁନ୍ଧରା ନଦୀରେ ପ୍ରଖର ବେଗରେ ବନ୍ୟାଜଳ ପ୍ରବାହିତ ହେଉଛି। ବନ୍ୟା ଜଳ ବ୍ରିଜ୍ ଉପରେ ବାଡେଇ ହେଉଥିବା ଦେଖିବାକୁ ମିଳିଛି। ପୁରୁଣା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ବ୍ରିଜଟି ଭାଙ୍ଗିଯିବାର ଆଶଙ୍କା ଦେଖାଦେଇଛି।

# ବଜ୍ରପାତରେ ମିଠା ମିସ୍ତ୍ରୀ ମୃତ



ଝାରସୁଗୁଡା, ୨୨।୭ (ସମିସ): ଝାରସୁଗୁଡ଼ା ସହର ସ୍ଥିତ ବେହେରାମାଲ କୋର୍ଟ ପରିସରରେ ଥିବା ମୋହନ ହୋଟେଲରେ କାର୍ଯ୍ୟରତ ମିଠା ମିସ୍ତ୍ରୀ ପ୍ରସନ୍ନ କିଷାନ (୪୯)ଙ୍କ ଶୁକ୍ରବାର ସକାଳେ ବଜ୍ରପାତରେ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଶୁକ୍ରବାର ସକାଳେ ଝାରସୁଗୁଡ଼ାରେ ପ୍ରବଳ ବର୍ଷା ଓ ବଜ୍ରପାତ ହୋଇଥିଲା। ପ୍ରସନ୍ନ ଓ ମୋହନ ହୋଟେଲର କିଚେନରୁ ବାହାରକୁ ଯାଉଥିବା ସମୟରେ ବଜ୍ରପାତରେ ପ୍ରସନ୍ନ ଟଳି ପଡ଼ିଥିଲେ। ପ୍ରସନ୍ନଙ୍କୁ ହୋଟେଲ ମାଲିକ ତୁରନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରସନ୍ନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରସନ୍ନ ଦେବଗଡ଼ ଜିଲ୍ଲାରୁ ଆସି ମୋହନ ହୋଟେଲରେ ବହୁ ଦିନ ହେବ ମିଠା ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ।

# ସୌଖିନ କଳାକାର ସଂଘର ଶୋକସଭା

ବରଗଡ଼, ୨୨।୮ (ସମିସ): ସୌଖିନ କଳାକାର ସଂଘ ଅଫିସ ଗୃହରେ ସଭାପତି ପ୍ରଭାସ ରଞ୍ଜନ ମହଲାଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଗୀତିକାର, ନାଟ୍ୟକାର ପଦ୍ମଶ୍ରୀ



ବିନୋଦ ପଶାୟତଙ୍କ ବିୟୋଗରେ ଶୋକସଭା କରାଯାଇଛି। ସଙ୍ଘର ସଦସ୍ୟ ମାନେ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସଦସ୍ୟ ମାନଙ୍କ ଦ୍ୱାରା ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ସଭାରେ ସୁଶିଲ ମହାପାତ୍ର, ଗୋପାଳ ଦାସ, ଅନନ୍ତ ମଜୁମଦାର, ତ୍ରିନାଥ ପ୍ରସାଦ ତ୍ରିପାଠୀ, ବିଜୟ ବେହେରା, କେତନ ବଗାର, ସୁଶିଲ ମିଶ୍ର, ପ୍ରଫୁଲ୍ଲ ନନ୍ଦ, ଅଶ୍ୱିନୀ ପଣ୍ଡା, ହର ପଟ୍ଟନାୟକ, ସ୍ୱରୂପ ପଟ୍ଟନାୟକ, କାହ୍ନୁ ପୃଷ୍ଟି ଓ ସଙ୍ଘର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୁରାତନ ଛାତ୍ର ସମ୍ମିଳନୀ

ବରଗଡ଼, ୨୨।୮ (ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓଡ଼ିଆ ବିଭାଗ ପରିସରରେ ଗୁରୁବାର ପୂର୍ବଛାତ୍ର ଜିଲ୍ଲା ସମ୍ମିଳନୀ ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପୂର୍ବ କ୍ଷେତ୍ର ସଂଗଠନ ମନ୍ତ୍ରୀ ଡ.ଆନନ୍ଦରାଓ ପାରଧୂ ଜୀ, ଜ୍ୟୋତିରଞ୍ଜନ



ମିଶ୍ର, ବିଭାଗ ନିରୀକ୍ଷକ ଗୁପ୍ତେଶ୍ୱର ଥନାପତି, ପରିଚାଳନା ସମିତିର ସମ୍ପାଦକ ସୁରେଶ ସାହୁ, ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରଞ୍ଜନ ବିଶ୍ୱାଳ, ନିମନ୍ତ୍ରିତ ଅତିଥି ଭାବେ ପରିଚାଳନା ସମିତିର ପୂର୍ବତନ ସମ୍ପାଦକ ଡୋଳାମଣି ଶତପଥୀ, ସଦସ୍ୟା ବିଷ୍ଣୁପ୍ରିୟା ବେହେରା, ପୂର୍ବଛାତ୍ର ସମ୍ପାଦକ ଗୋବିନ୍ଦ ଷଡଙ୍ଗୀ, ଭିକି ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜନା କରିଥିଲେ ପୂର୍ବଛାତ୍ର ସମ୍ପାଦକ ଗୋବିନ୍ଦ ଷଡଙ୍ଗୀ ଓ ଆରତି ଗରିଆ। ପୂର୍ବଛାତ୍ର ଭିକି ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ସନତ ମହାନ୍ତିଙ୍କ ପରଲୋକ



ବରଗଡ଼, ୨୨।୮ (ସମିସ): ବରଗଡ଼ର ପ୍ରତିଷ୍ଠିତ ବ୍ୟବସାୟୀ ସନତ ମହାନ୍ତି(୬୧)ଙ୍କ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପରିବାରବର୍ଗ ଉପସ୍ଥିତ ଥିଲେ। ଖବରପାଇ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, କଂଗ୍ରେସ ନେତା ନିପନ ଦାଶ, ବରଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା, ବିଜେଡି ନେତା ସମ୍ବିତ ଆଚାର୍ଯ୍ୟ (ଫିକ), ଜିଲ୍ଲା କ୍ରୀଡା ସମ୍ପାଦକ କିଶୋର ମିଶ୍ର, କଂଗ୍ରେସ ନେତା ଯୁଗଳ ପ୍ରସାଦ ସିଂହ, ରେଳ ଉପଭୋକ୍ତା ସଂଘ ସଭାପତି ପ୍ରଦୀପ ଦେବତା, ଆଇନଜୀବୀ ଦେବଦତ୍ତ ମିଶ୍ର, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ପ୍ରଭାତାଦିତ୍ୟ ମିଶ୍ର, ଆଇନଜୀବୀ ଦେବାନନ୍ ସାହୁ, ନିରଞ୍ଜନ ବେହେରାଙ୍କ ସମେତ ବହୁ ଗଣମାନ୍ୟ ବ୍ୟକ୍ତି ତଥା ସହପାଠୀ ବନ୍ଧୁ ପରିଜନ ମାନେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଜୀରାନଦୀ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କରାଯାଇଥିଲା। ବଡପୁଅ ମୟୂର ମୁଖାଗ୍ନି ଦେଇଥିଲେ।

# ଆଦିବାସୀଙ୍କ ବିକାଶ ପାଇଁ 'ଆଦି କର୍ମଯୋଗୀ ଅଭିଯାନ'

ଝାରସୁଗୁଡ଼ା, ୨୨।୮ (ସମିସ)



ଝାରସୁଗୁଡ଼ା ଜିଲ୍ଲାରେ ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବା ତଥା ଖସଡ଼ା ଅନୁସାରେ ଯୋଜନା କାର୍ଯ୍ୟାନ୍ୱୟନ ପାଇଁ 'ଆଦି କର୍ମଯୋଗୀ ଅଭିଯାନ'ର ଶୁଭାରମ୍ଭ ହୋଇଥିବା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଶୁକ୍ରବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ 'ଆଦି କର୍ମଯୋଗୀ ଅଭିଯାନ' ନାମରେ ଏକ ଜନ ଆନ୍ଦୋଳନ ଚଳିତ ବର୍ଷ ଅଗଷ୍ଟ ମାସରୁ ଝାରସୁଗୁଡ଼ା ସମେତ ଓଡ଼ିଶାର ୨୨ଟି ଜିଲ୍ଲାରେ କାର୍ଯ୍ୟକାରୀ ହୋଇଛି। ଝାରସୁଗୁଡ଼ା ଜିଲ୍ଲାର ୫ଟି ବ୍ଲକର ୪୧ଟି ଗ୍ରାମ ପଞ୍ଚାୟତର ୭୮ ଗୋଟି ଆଦିବାସୀ ବହୁଳ ଗ୍ରାମ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଭଗବାନ ବିର୍ଷା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଓ ଜନଜାତୀୟ ଗୌରବ ବର୍ଷ ପାଳନ ଅବସରରେ ଗତ ଅକ୍ଟୋବର ୨ ତାରିଖରେ ଧରତୀ ଆବା ଜନ ଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନା ଆରମ୍ଭ କରାଯାଇଥିବା ବେଳେ 'ଆଦି କର୍ମଯୋଗୀ ଅଭିଯାନ' ଏହି ଯୋଜନାର ଏକ ପୂର୍ଣ୍ଣାଙ୍ଗ ସ୍ୱରୂପ ବୋଲି କହିଛନ୍ତି ଜିଲ୍ଲାପାଳ। ଏହି ଅଭିଯାନ ଅଧୀନରେ ଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ଜଙ୍ଗଲ ଓ ପରିବେଶ ଓ ସର୍ବୋପରି ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସହଭାଗିତାରେ ଆଦିବାସୀ ଗ୍ରାମମାନଙ୍କରେ ତୃଣମୂଳ ସ୍ତରରେ ପ୍ରଶାସନ ପହଞ୍ଚିବା ସହିତ ସମସ୍ତ ସରକାରୀ ଯୋଜନାର ପ୍ରଚାର ପ୍ରସାର,

**ଗ୍ରାମରେ ଗଠିତ ହେବ ୨୦ ଜଣିଆ ଆଦିବାସୀ କ୍ୟାଡର**

ଅତ୍ୟାବଶ୍ୟକ ସେବା ଉପଲବ୍ଧ କରାଇବ। ପ୍ରତ୍ୟେକ ଗ୍ରାମରେ ଆଦି ସହଯୋଗୀ, ଆଦି କର୍ମଯୋଗୀ ଓ ଆଦି ସାଥୀ ନାମରେ ୨୦ ଜଣିଆ ଆଦିବାସୀ କ୍ୟାଡର ସୃଷ୍ଟି କରାଯିବ। ସରକାର ଓ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ଏହି ଆଦି ସହଯୋଗୀ, ଆଦି କର୍ମଯୋଗୀ ଓ ଆଦି ସାଥୀ ମାନେ ଏକ ସେତୁ ସଦୃଶ କାର୍ଯ୍ୟ କରିବେ। ଯୋଜନା ଅନୁସାରେ ଲକ୍ଷ୍ୟ ହାସଲ ନିମନ୍ତେ ଗ୍ରାମମାନଙ୍କରେ ଏକ ସେବା କେନ୍ଦ୍ର ଚିହ୍ନଟ କରାଯାଇଛି। ସାଧାରଣ ଭାବରେ ସ୍ଥାନୀୟ ସ୍କୁଲ, କମ୍ୟୁନିଟି ସେଣ୍ଟର, ଅଙ୍ଗନବାଡି କେନ୍ଦ୍ର ବା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ସେବା କେନ୍ଦ୍ର କାର୍ଯ୍ୟ କରିବ। ଆଗାମୀ ଦିନରେ ବିଭିନ୍ନ ପର୍ଯ୍ୟାୟରେ ପ୍ରଶିକ୍ଷଣ ପରେ ଏହି ଅଭିଯାନରେ ବିଭିନ୍ନ ବିଭାଗର ଯୋଜନା ଅନ୍ତର୍ଭୁକ୍ତ କରି ଚିହ୍ନିତ ଗ୍ରାମ ନିମନ୍ତେ ଏକ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯିବ ଓ ସେହି ଅନୁଯାୟୀ କାର୍ଯ୍ୟାନ୍ୱୟନ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଗମନାଗମନ ଆଦି ବିଭିନ୍ନ କ୍ଷେତ୍ରରେ ଉନ୍ନତି ଆଣିବା ଅଭିଯାନର ଲକ୍ଷ୍ୟ ବୋଲି ମଧ୍ୟ ଜିଲ୍ଲାପାଳ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଞ୍ଜୀବ ପଟେଲ, ଜିଲ୍ଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କୁଶ୍ରାଲୋଇ ପଞ୍ଚାୟତରେ ନିଶାମୁକ୍ତ ସଚେତନତା




ଇବଥର୍ମାଲ, ୨୨।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ କୁଶ୍ରାଲୋଇ ପଞ୍ଚାୟତକୁ ନିଶାମୁକ୍ତ କରିବା ନେଇ ପଞ୍ଚାୟତ ବକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କୁଶ୍ରାଲୋଇ ସରପଞ୍ଚ ରଘୁମଣି ପ୍ରଧାନଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲଖନପୁର ପୁଲିସ ଏଥିରେ ଯୋଗଦେଇ ନିଶା ନିବାରଣ ନେଇ ଭାରତରେ ପ୍ରଚଳିତ ନୂଆଁ ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ନିଶାମୁକ୍ତ କରିବା ପାଇଁ ସରପଞ୍ଚଙ୍କ ନେତୃତ୍ୱରେ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପଦଯାତ୍ରା କରାଯାଇ ଲୋକଙ୍କୁ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଉଛି। ସରପଞ୍ଚଙ୍କ ସମେତ ସମିତି ସଭ୍ୟା ଦମୟନ୍ତୀ, ନାଏବ ସରପଞ୍ଚ ତ୍ରୁଟି ସେଠ୍, ସମସ୍ତ ୱାର୍ଡ ସଭ୍ୟସଭ୍ୟା, ଏମ୍‌ବିକେ, ସିଆର୍‌ପି, ମହିଳା ସଂଗଠନର ସଦସ୍ୟା ଏଥିରେ ସାମିଲ ହୋଇଥିଲେ। କୃଷି ସମବାୟ ସମିତି ସଭାପତି ରଞ୍ଜନ ଭୋଇ, ସମାଜସେବୀ ବିଜୟ ସେଠ୍, ସନ୍ତୋଷ ଭୋଇ, କବି ତଥା ନାଟ୍ୟକାର ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରା ପଞ୍ଚାୟତର ଅଡାପଡ଼ା, ଲେଟୁଆପଡ଼ା, ଇନ୍ଦିରା କଲୋନୀ ହୋଇ କୁଶ୍ରାଲୋଇ ଗ୍ରାମରେ ପହଞ୍ଚିଥିଲା। ଏଥିରେ ଲଖନପୁର ଥାନା ଅଧିକାରୀ ଶୋଭାକର ସେଟ୍ ଓ ତାଙ୍କ ସହକର୍ମୀମାନେ ସାମିଲ ହୋଇଥିଲେ।

**● ବିଜେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଉପନିର୍ବାଚନ**

# ଜୟକୃଷ୍ଣ ଦଣ୍ଡସନା ନୂତନ ଅଧ୍ୟକ୍ଷ ନିର୍ବାଚିତ

ବିଜେପୁର, ୨୨।୮ (ସମିସ): ଦୀର୍ଘ ଦିନ ଧରି ଅଚଳାବସ୍ଥାରେରହିଥିବା ବିଜେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ବୁଧବାର ଦିନ ପୁରଣ ହୋଇଛି। ବିଜେପୁର ଠାରେ ଉକ୍ତ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇ ନୂତନ ଭାବେ ବିଜେପି ପ୍ରାର୍ଥି ଜୟକୃଷ୍ଣ ଦଣ୍ଡସନା ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ ଅଧ୍ୟକ୍ଷ ଶ୍ରୀମାନ ଦଣ୍ଡସନା ପୁର୍ବରୁ ଏକାଧିକ ଥର ସମିତି ସଦସ୍ୟ, ସରପଞ୍ଚ ତଥା ବିଜେପୁର ବ୍ଲକ ସରପଞ୍ଚ ସଂଘର ସଭାପତି ସମେତ ବିଭିନ୍ନ ପଦ ପଦରେ ରହିଛନ୍ତି। ଗତ ନିର୍ବାଚନରେ ନିର୍ବାଚିତ ହୋଇ ସେ ବୁଡାପାଲିପଞ୍ଚାୟତର ସମିତି ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ବୁଧବାର ସକାଳ ୧୧ଟା ସମୟରେ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ବ୍ଲକ ପରିସରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସର୍ବମୋଟ ୧୪ ଜଣ ସମିତି ସଦସ୍ୟ ଉପସ୍ଥିତ ରହି ମତଦାନ କରିଥିଲେ। ବିଧାୟକ ଗଡ଼ତିଆଙ୍କ ସମେତ ଜିଲ୍ଲା ପରିଷଦ ସୁଶାନ୍ତ ଗଡ଼ତିଆ, ବିଜେପି ନେତା ମହେଶ ଦେବତା, ଶରତ ବିଶି, ଯୋଗିନ୍ଦ୍ର ପଧାନ, ବାହାଦୁର ମେହେର, ଆନନ୍ଦ ବାରିକ, ପୂର୍ବତନ ଜିଲ୍ଲା ପରିଷଦ ସୁନାଫୁଲ ସେଠ, ନବୀନ ମହାନନ୍ଦ, କଠିନ ଦୀପଙ୍କ ସହିତ ବହୁ ସଂଖ୍ୟାରେ ବିଜେପି କର୍ମିମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଗତ ପଞ୍ଚାୟତ ନିର୍ବାଚନରେ ବିଜେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ମୋତିରାମ ସାହୁ ନିର୍ବାଚିତ ହୋଇଥିଲେ। କିନ୍ତୁ ତାଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ପ୍ରକାଶ କରି ତାଙ୍କ ବିରୋଧରେ ପଞ୍ଚାୟତ ସମିତି ସଦସ୍ୟମାନେ ଅନାସ୍ଥା ଆଣିଥିଲେ। ଫଳରେ ଉକ୍ତ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା।

# ନୂଆଁଖାଇ ପାଇଁ ୩ ଦିନ ଛୁଟି ଘୋଷଣା କରିବାକୁ କୋଶଳ ଛାତ୍ର ସଂଗଠନର ଦାବି

ବରଗଡ଼, ୨୨।୮ (ସମିସ): କୋଶଳ ଛାତ୍ର ସଂଗଠନର ଅଧ୍ୟକ୍ଷତାରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଏବଂ ସଂଗଠନର ସଦସ୍ୟ ମାନେ ତିନି ଦଫା ଦାବି ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ କରିବା ସହିତ ବରଗଡ଼ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହି ତିନି ଦଫା ଦାବି ପତ୍ରରେ ଉଲ୍ଲେଖ କରାଯାଇଅଛି ଯେ, ପ୍ରଥମଟି ହେଲା ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ହେଉଛି 'ନୂଆଁଖାଇ'। ଏହି ପର୍ବରେ ଆମେ ଅମଳ କରିଥିବା ନୂଆଁ ଧାନକୁ ପ୍ରଥମେ ଆମ ଅଧିଷ୍ଠାତ୍ରୀ ଦେବଦେବୀଙ୍କୁ ପୂଜା କରି ପରିବାରର ସମସ୍ତ ସଦସ୍ୟ ଯେତେ ଦୂରେ ଥିଲେ ମଧ୍ୟ ଆସି ସମସ୍ତେ ଏକା ସାଙ୍ଗେ ବସି ଭୋଗ କୁ ସେବନ କରିଥାଉଁ ଏବଂ ଏହି ପର୍ବ ହେଉଛି ଆମ ପଶ୍ଚିମ ଓଡ଼ିଶା (କୋଶଳାଞ୍ଚଳ) ର ମହାନ ଗଣପର୍ବ। କିନ୍ତୁ ବର୍ଷ ବର୍ଷ ଧରି ଦାବି ଜଣାଇଲା ପରେ ମଧ୍ୟ ସରକାର ପଶ୍ଚିମ ଓଡ଼ିଶା କୁ ସବୁ ବେଳେ ଏକାପଖିଆ କରି ବ୍ୟମାତୃକ ମନୋଭାବରଖି ଆସିଛନ୍ତି ଏବଂ ନୂଆଁଖାଇ ସମୟରେ ବିଭିନ୍ନ ସ୍କୁଲ କଲେଜରେ ପରୀକ୍ଷାରଖି ଦେଉଛନ୍ତି। ଏଣୁ ଆମ୍ଭ ସଂଗଠନ ପକ୍ଷରୁ ନୁଆଁଖାଇରେ ସରକାରୀ, ବେସରକାରୀ ସ୍ତରରେ ୩ଦିନ ଛୁଟି ଘୋଷଣା କରିବାକୁ ଦାବି ଜଣାଇଛୁ। ଦ୍ୱିତୀୟ ଦାବି ବରଗଡ଼ ଜିଲ୍ଲା କେବଳ ଓଡ଼ିଶାରେ ନୁହେଁ ବରଂ ଦେଶରେ ଧାନ ଉତ୍ପାଦନ ପାଇଁ ବେଶ ଜଣାଶୁଣା ହୋଇଥିବା ବେଳେରାଜ୍ୟର ଭାତହାଣ୍ଡି ଭାବେ ସୁପରିଚିତ।ଏହି ଜିଲ୍ଲାର ପ୍ରାୟ ୭୦% ଭାଗ ଲୋକ କୃଷି ଜୀବିକା ଉପରେ ନିର୍ଭର କରନ୍ତି ଏବଂ ଅଞ୍ଚଳର ଅର୍ଥନୀତି ମଧ୍ୟ କୃଷିଭିତ୍ତିକ ଅଟେ ଓବରଗଡ଼ ଜିଲ୍ଲା ଏସିଆର ସବୁଠାରୁ ବୃହତ ନଦୀ ବନ୍ଧ ହୀରାକୁଦ ଜଳଭଣ୍ଡାରରୁ ପ୍ରାୟ ୧ଲକ୍ଷ ହେକ୍ଟର ଜମି ଜଳସେଚିତ ଏବଂ ଗଭୀର ନଳକୂପ ମାଧ୍ୟମରେ ଅଧିକାଂଶ ଜମି ପାଣି ପାଉଛି।ତେଣୁ ଖରିଫ ଋତୁରେ ଧାନ ଚାଷ ୨ ଲକ୍ଷ ୫୦ ହଜାର ହେକ୍ଟର, ୮୦ ହଜାର ହେକ୍ଟର ପନିପରିବା, ୩୩, ୫୯୬ ହେକ୍ଟର ଡାଲି ଜାତୀୟ, ପାମ ହଜାର ହେକ୍ଟର କପା ୭ ହଜାର ହେକ୍ଟର, ତେଲ, ଫଳ, ମସଲା ଜାତିୟ ଚାଷ ମଧ୍ୟ କିଛି କମ ହେଉନାହିଁ କିନ୍ତୁ ବୈଜ୍ଞାନିକ ଅନୁସନ୍ଧାନ ଏବଂ ଆଧୁନିକ ଜ୍ଞାନ କୌଶଳ ଅଭାବରୁ



ଚାଷୀମାନେ ପାରମ୍ପରିକ ପଦ୍ଧତି ଉପରେ ନିର୍ଭରଶୀଳ ଥିବାରୁ ବାରମ୍ବାର।ୟକ୍ଷତି, ଅଭାବୀବିକ୍ରି, ପ୍ରାକୃତିକ ଫସଲ ନଷ୍ଟର ଶିକାର ହେଉଛନ୍ତି।ଏହି ସବୁ ଦୃଷ୍ଟିରୁ ବରଗଡ଼ ଜିଲ୍ଲାରେ ବିଶ୍ୱ ସ୍ତରୀୟ କୃଷି ବିଶ୍ୱ ବିଦ୍ୟାଳୟ ହେଲେ ଚାଷୀମାନଙ୍କୁ ପ୍ରଶିକ୍ଷଣ, ଗୁଣବତ୍ତା ଓ କୃଷି କ୍ଷେତ୍ର ସୁଧାର ଏବଂ କୃଷିପ୍ରତି ଆଗ୍ରହ ଥିବା ଯୁବକ ଯୁବତୀ ମାନଙ୍କୁ ଶିକ୍ଷା ସହିତ ନିଯୁକ୍ତି ପାଇପାରିବେ ଏବଂ ତାହାର ପ୍ରଭାବେ ଆବଶ୍ୟକ ମୁତାବକରାସାୟନିକ, ଜୈବିକ, ପାରମ୍ପରିକ ଏବଂ ଦେଶୀ ପଦ୍ଧତି ଚାଷ ଆଧାର ବୃଦ୍ଧି ପାଇବ ଏବଂ ତୃତୀୟ ଦାବି ଟି ହେଲା, ଓଡ଼ିଶା ସରକାରର ଆମପ୍ରତି ବ୍ୟମାତୃକ ମନୋଭାବକୁ ଦେଖି ବର୍ଷ ବର୍ଷ ଧରି ପଶ୍ଚିମଓଡ଼ିଶା କୁ ଗୋଟେ ସ୍ୱତନ୍ତ୍ରରାଜ୍ୟ ଗଠନ କରିବା ପାଇଁ ଦାବି ଉପସ୍ଥାପନ ହୋଇଯାଇଅଛି। ଅନେକ ପ୍ରତିନିଧି ମଣ୍ଡଳ ବିଧାନସଭା ଘେରାଉ ମଧ୍ୟ କରିଥିଲେ ଏବଂ ଏହି ସମସ୍ତ ପ୍ରକାର ଆନ୍ଦୋଳନରେ ଆମ ଅଞ୍ଚଳର ଛାତ୍ରଛାତ୍ରୀ, ଯୁବକ ଯୁବତୀ, ବୁଦ୍ଧିଜୀବୀ ମାନେ ଅଂଶଗ୍ରହଣ କରିଥାନ୍ତି।କିନ୍ତୁ ଗୋଟିଏ ଦୁର୍ଭାଗ୍ୟର କଥା ଯେଉଁ ଛାତ୍ର ଛାତ୍ରୀ, ଯୁବକ ଯୁବତୀ ଏହି ଜନ ଆନ୍ଦୋଳନରେ ସାମିଲ ହେଉଛନ୍ତି ସେମାନଙ୍କୁ ବିଭିନ୍ନ ସ୍ତରରୁ ତଥା ପୁଲିସ ବିଭାଗ ତରଫରୁପୁଲିସ ଭେରିଫିକେଶନ ସାର୍ଟିଫିକେଟ ମିଳୁନାହିଁ ଏବଂ ଛାତ୍ର ଛାତ୍ରୀ, ଯୁବକ ଯୁବତୀ ଆଗକୁ ଚାକିରି କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀ, ଯୁବକଯୁବତୀଙ୍କୁ ପୁଲିସ ଭେରୀଫିକେସନ କରି କ୍ୟାରେକ୍ଟର ସାର୍ଟିଫିକେଟ ଦିଆଯାଉ ବୋଲି ଦାବି ଜଣାଇଛୁ। ଉପଯୁକ୍ତ ଦାବି ଗୁଡିକ ଉପରେ ଦୃଷ୍ଟିରୁ ନିଶ୍ଚୟ ସ୍ୱହୃଦୟରେ ବିଚାର କରିବେ ବୋଲି ସାଙ୍ଗଠନିକ ଭାବେ ଆଶା ଓ ବିଶ୍ୱାସ କରୁ। ଯଦି ଆଗାମୀ ଦିନରେ ଏହାର ଉଚିତ ସମାଧାନ ନ ହୁଏ ତା ହେଲେ ପଶ୍ଚିମ ଓଡ଼ିଶା (କୋଶଳାଞ୍ଚଳ) ର ସମସ୍ତ ଛାତ୍ର ଛାତ୍ରୀ କଲମ ଛାଡ ଆନ୍ଦୋଳନ ସହିତରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ଆଜି ଉଭୟ କେନ୍ଦ୍ର ଏବଂରାଜ୍ୟ ସରକାରଙ୍କୁ ଚେତାବନୀ ଦେଉଛୁ। ଛାତ୍ର କ୍ରାନ୍ତି ଆନ୍ଦୋଳନରେ କୋଶଳ ଛାତ୍ର ସଂଗଠନର ପ୍ରତିଷ୍ଠାତା ଇଂ ଅଭିଷେକ ନାୟକ, ନୀଲେଶ ପ୍ରଧାନ, ସିକୁନ ଦାଶ, ତେଜରାଜ ସାହୁ, ସୁବ୍ରତ ବୁଡେକ, ଭବେଶ ସାହୁ, ଜିତ ପ୍ରଧାନ, ଦେବବ୍ରତ ସାହୁ, ଧର୍ମେନ୍ଦ୍ର ପାମୁଆଁ, ଶତ୍ରୁଘନ ଝଙ୍କାର, ନାରାୟଣ ଜାଲ, ରୋଶନ ଭୁଏ, ଅମିତ ଭେସ୍ରା, ଶୁଭେନ୍ଦୁ ବିଶି, ଅଭିନନ୍ଦନ ମିଶ୍ର, ଅର୍ଜୁନ ମହାରଣା, ଆକାଶ ମେହେର ତଥା ଶତାଧିକ ଛାତ୍ର, ଯୁବକ ଉପସ୍ଥିତ ଥିଲେ।

# ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ-୨.୧' ଉଦ୍‌ଯାପିତ

ଝାରସୁଗୁଡା, ୨୨।୮ (ସମିସ)




ଝାରସୁଗୁଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ଟିଆରଏଲ, କ୍ରୋସାକି, ବେଲପାହାଡର ମିଳିତ ଆନୁକୂଲ୍ୟରେ ଜୁବଲି ହଲ, ଗୁମାଡେରାଠାରେ ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶହେ ଜଣ ଏ-୧ ଆକାଂକ୍ଷୀ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ ହୋଇଥିବା ପ୍ରଥମ ତ୍ରି-ଦିବସୀୟ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ-୨.୧' ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଝାରସୁଗୁଡା ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ତିନି ଦିନ ଧରି ଅନୁଷ୍ଠିତ ଏହି କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କୁ ଚଳିତ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ତଥା ଗୁଣାତ୍ମକ ଶିକ୍ଷା ପ୍ରାପ୍ତି ପାଇଁ ମାର୍ଗଦର୍ଶନ କରିଥିଲେ। ଟିଆର୍‌ଏଲ୍ କ୍ରୋସାକି ବେଲପାହାଡ଼ର ଉପ-ସଭାପତି ମନୋଜ ପଟେଲ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଝାରସୁଗୁଡା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା, ଝାରସୁଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, କିର୍ମିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ, ଟିଆର୍ ଏଲ୍ କ୍ରୋସାକି ବେଲପାହାଡ଼ର ପିଆର୍‌ଏଣ୍ଡସି. ଏସ.ଆର. ଜେନେରାଲ ମ୍ୟାନେଜର ଡ଼ ସନ୍ତୋଷ କୁମାର ମିଶ୍ର, ସିନିଅର ମ୍ୟାନେଜର ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିରୋଜ କୁମାର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଗିରିଧରଲାଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ନିତ୍ୟାନନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ପ୍ରାତଃକାଳରେ ଯୋଗ ପ୍ରଶିକ୍ଷକ ମହେନ୍ଦ୍ର ପଧାନଙ୍କ ଦ୍ୱାରା ଯୋଗ ଶିକ୍ଷା ଦିଆଯାଉଥିଲା। ଆସନ୍ତା ସେପ୍ଟେମ୍ବର ମାସ ଶେଷ ସପ୍ତାହରେ ଏହାର ଦ୍ୱିତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ପ୍ରଦାନ କରିବା ସହିତ ସମସ୍ତ ଶିକ୍ଷା ଅଧିକାରୀ ଓ ସାଧନ କର୍ମୀ ମନୋନୀତ ହୋଇଥିବା ଚାରି ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସେମାନଙ୍କର ଶିକ୍ଷଣ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ ଗଡ଼ତିଆ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷକ ସଚିନ୍ଦ୍ର ପଟେଲ, ରାଜେନ୍ଦ୍ର ସାହୁ, , ଟୁନା ରଣା, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ନିତ୍ୟାନନ୍ଦ ନାୟକ, ଭାରତୀ ଭୋଇ, ଦୁଃଖିଶ୍ୟାମ ବେହେରା, ଅରୁଣ ଭୋଇ ଭଳି କୋଡ଼ିଏ ଜଣ ଶିକ୍ଷକଙ୍କୁ ସାଧନକର୍ମୀ ଭାବେ ନିଯୁକ୍ତ କରାଯାଇଥିବା ସୂଚାଯାଇଥିଲା।

# ଧର୍ମପରାୟଣ ମହିଳାଙ୍କ ପରଲୋକ

ପଦ୍ମପୁର, ୨୨।୮ (ସମିସ): ପଦ୍ମପୁର ମେହେର ପଡ଼ା ସ୍ଥିତ ଜଗନ୍ନାଥ ମନ୍ଦିରର ନିକଟ ବାସିନ୍ଦା ପୂର୍ବତନ କେନ୍ଦୁପତ୍ର ଚେକର ଅରୁଣ ମୁଣ୍ଡଙ୍କ ଧର୍ମପତ୍ନୀ ନୀଳେନ୍ଦ୍ରୀ ମୁଣ୍ଡ(୬୦)ଙ୍କ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ



ଦେହାନ୍ତ ହୋଇଯାଇଛି। ସେ ଦୀର୍ଘ ୨ ବର୍ଷ ଧରି କ୍ୟାନସର ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରା ଯାଇଥିଲା। ଖବର ପାଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଶୋକବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବଡ ପୁଅ ଅଭିଳାଷ ମୁଖାଗ୍ନି ଦେଇଥିଲେ।

# ୩୧ରେ ପରବାସୀ କୁଟୁମ୍‌ର ନୂଆଁଖାଇ ଭେଟଘାଟ୍

**● ସମ୍ମାନିତ ହେବେ ୪ ପ୍ରତିଭା**

ବିଜେପୁର, ୨୨।୮ (ସମିସ): ଗାଁ ମାଟିରୁ ବାହାରେ ରହି ସାହିତ୍ୟ ସଂସ୍କୃତି ଦିଗରେ କାମ କରୁଥିବା ପଶ୍ଚିମ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ପରବାସୀ କୁଟୁମ୍ ପକ୍ଷରୁ ଅଗଷ୍ଟ ୩୧ ତାରିଖ ବଲାଙ୍ଗିର ଜିଲ୍ଲା ବକଟି ଗାଁରେ ମହାସମାରୋହରେ ନୂଆଁଖାଇ ଭେଟ୍‌ଘାଟ୍ ପାଳିତ ହେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଶତାଧିକ ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଯୋଗ ଦେବେ। ପରବାସୀ ଆଜୀବନ ସାହିତ୍ୟ ସମ୍ମାନରେ ଟିଟିଲାଗଡ଼ ବଲାଙ୍ଗିରର ଡ.ଗୋବର୍ଦ୍ଧନ ସାହୁ, ପରବାସୀ ସଂସ୍କୃତି ସମ୍ମାନରେ ଖରିଆର ନୂଆଁପଡ଼ାର ଜିତେନ୍ଦ୍ର ନାଥ ପଟ୍ଟନାୟକ, ପରବାସୀ ଯୁବ ପ୍ରତିଭା ସମ୍ମାନରେ ପଣକିପାଲି ସୋହେଲା ବରଗଡ଼ର ଧର୍ମେନ୍ଦ୍ର ପଧାନଙ୍କୁ ସମ୍ମାନିତ କରାଯିବ। ସେହିପରି କବି ବୃନ୍ଦାବନ ସାହୁ ସ୍ମୃତି ସମ୍ମାନରେ ବଲାଙ୍ଗିର ଜିଲ୍ଲା ଭାଲୁପାଲିର ରୁକ୍ମଣ ବିଶ୍ୱାଲଙ୍କୁ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। କାର୍ଯ୍ୟକ୍ରମରେ ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଯୋଗ ଦେବାକୁ ଅନୁଷ୍ଠାନର ସଭାପତି କପିଳେଶ୍ୱର ଖମାରୀ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମିଶ୍ର, ଉପସଭାପତି ସଙ୍ଗୀତା ପଣ୍ଡା, ସମ୍ପାଦକ ସଚ୍ଚିଦାନନ୍ଦ ପଧାନ, ସହ ସମ୍ପାଦିକା ମାନିନୀ ମେହେର, କୋଷାଧ୍ୟକ୍ଷ ଗଣେଶ ମେହେର, ଉମାକାନ୍ତ ଭୋଇ, ଦେବାଶିଷ ମେହେର, ଅଶୋକ ପୁଜାରୀ, ଆଶୁତୋଷ ମହାପାତ୍ର, ମନୋରଞ୍ଜନ ପୁରୋହିତ, ଯୁଗଳ ଛତ୍ରିଆ, ରଞ୍ଜିତ ପଧାନ, ସୂର୍ଯ୍ୟ ପାତ୍ରୀ, ଡିସମ୍ବର ମେହେର, ମନୀଷ ରଥ, ସୁରଜ ସାହୁ, ଦିପକ ସିଂ ବରିହା, ଲୋକେଶ, ତରଣୀସେନ ମେହେର, ଓଜସ୍ୱିନୀ ମାହାର, ଆରତୀ ସାହୁ, ମହେନ୍ଦ୍ର ପଟେଲ, ସୁ ବାଗ, ଶେଷଦେବ ମେହେର, ଯୁବରାଜ କୁଦେଇ, ତରଣୀସେନ ପଧାନଙ୍କ ସମେତ ପରବାସୀ କୁଟୁମର ସଦସ୍ୟ ବୃନ୍ଦ ତଥା ବକଟି ଗାଁବାସୀ ଅନୁରୋଧ କରିଛନ୍ତି।

# ଧାନ ପଞ୍ଜୀକରଣରେ ବାଧକ ନେଟ୍‌ୱର୍କ; ଚାଷୀ ହନ୍ତସନ୍ତ

ଝାରବନ୍ଧ,୨୨।୮ (ସମିସ)



ଖରିଫ ଧାନ ବିକ୍ରି ପାଇଁ ପଞ୍ଜିକରଣରେ ଜଟିଳତାକୁ ବିରୋଧ କରି ଚାଷୀ ଆନ୍ଦୋଳନ ପରେ ତାହା ସରଳ ହୋଇଛି। ହେଲେ ଏବେ ଝାରବନ୍ଧ ବ୍ଲକ୍‌ରେ ପଞ୍ଜିକରଣରେ ନେଟ୍‌ୱର୍କ ସମସ୍ୟା ବାଧକ ସାଜିଛି। ଚାଷୀଙ୍କ ଧାନ କାର୍ଡ ପଞ୍ଜିକରଣ ସାଇଡ୍ ବେଳେ ଦୀର୍ଘ ସମୟ ସର୍ଭର (ନେଟ୍) ଆସୁନଥିବାରୁ ପଞ୍ଜିକରଣରେ ବହୁତ ଅସୁବିଧା ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ୮୩ ଗୋଟି ରାଜସ୍ୱ ଗ୍ରାମ ବିଶିଷ୍ଟ ବ୍ଲକ୍‌ରେ ଲୋକେ ଚାଷ ଉପରେ ନିର୍ଭର କରନ୍ତି। ଚାଷୀ ପଞ୍ଜୀକରଣ କରି ଧାନ ବିକ୍ରି କଲେ ୩୧୦୦ ଟଙ୍କା ମିଳିବା ଆଶାରେ ଅନ୍ନଦାତା। ହେଲେ ଚାଷ ସମୟରେ ଚାଷୀ ପଞ୍ଜିକରଣ କରିବାକୁ ଆସୁଥିବାବେଳେ ପଞ୍ଜିକରଣ ସାଇଡରେ ବିଳମ୍ବ ହେଉଥିବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ସରକାର ଏହାର ତ୍ୱରିତ ସମାଧାନ କରିବାକୁ ଦାବି ହୋଇଛି।

# ରୁକୁ ସେଠ୍ ମୃତ୍ୟୁ ରହସ୍ୟ ଉନ୍ମୋଚନ ପାଇଁ ଏସ୍‌ପିଙ୍କୁ ଦାବିପତ୍ର

ବରଗଡ଼,୨୨।୮ (ସମିସ): ରୁକୁ ସେଠ୍ ମୃତ୍ୟୁ ରହସ୍ୟ ଉନ୍ମୋଚନ ସହ ନ୍ୟାୟ ଦାବିରେ ବରଗଡ଼ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୃତକଙ୍କ ପରିବାର ଲୋକେ। ସୂଚନାନୁଯାୟୀ, ବଲାଙ୍ଗୀର ଜିଲ୍ଲା ପୁଇଁତଲା ଥାନା ବୁଢ଼ୀସିଣ୍ଡୋଲ ଗ୍ରାମର ରୁକୁ ସେଠ୍ ବରଗଡ଼ର ଶ୍ରୀୟା ହୋଟେଲରେ କାର୍ଯ୍ୟ କରୁଥିଲେ। ଗତ ଜୁନ ୬ ତାରିଖରେ ଶ୍ରୀୟା ହୋଟେଲ ଭିତରୁ ରୁକୁଙ୍କ ଶବ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ବର୍ଗ ଅଭିଯୋଗ କରିଥିଲେ। ଏହାସହ ଉକ୍ତ ଦିନର ସିସିଟିଭି ଫୁଟେଜର କିଛି ଅଂଶ କଟାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଘଟଣା ଦିନଠାରୁ ହୋଟେଲରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ଫେରାର ରହିଛନ୍ତି। ମୃତ୍ୟୁ ରହସ୍ୟକୁ ଉନ୍ମୋଚନ କରିବା ସହ ଦୋଷୀଙ୍କୁ ଖୋଜି ଦଣ୍ଡ ବିଧାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମୃତକଙ୍କ ପରିବାର ଲୋକେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।




# ଗୁଦେରପାଲି କଲେଜରେ ଗଙ୍ଗାଧର ମେହେର ଜୟନ୍ତୀ

ଗାଇସିଲେଟ,୨୨।୮ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ଗୁଦେରପାଲି ଯୁକ୍ତ ଦୁଇ କଳା ମହାବିଦ୍ୟାଳୟରେ ଅଧକ୍ଷ ପ୍ରୀତିଶ କୁମାର ପଣ୍ଡାଙ୍କ ଅଧକ୍ଷତାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମେଲଛାମୁଣ୍ଡା ମହାବିଦ୍ୟାଳୟର ଓଡିଆ ପ୍ରାଧ୍ୟାପକ ପ୍ରଦୀପ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପରିଚାଳନା କମିଟିର ସଭାପତି କିଶୋର ପାତ୍ର, ସଂପାଦକ କିଶୋର ଚନ୍ଦ୍ର ଦେବତା, ସରପଞ୍ଚ ରାମଚନ୍ଦ୍ର ପାତ୍ର, ମୁକେଶ ମୁରାରୀ କେଡିଆ, ଅଧ୍ୟାପକ ଚମ୍ପେଶ୍ୱର ସେଠ୍ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଅଧ୍ୟାପକ ମୁକେଶ କୁମାର ସାହୁ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରତାପ ହଂସ, ନରେନ୍ଦ୍ର ଦେହେରୀ ଅଧ୍ୟାପିକା ଲୋପାମୁଦ୍ରା ପ୍ରଧାନ, ହେତୁ ପାତ୍ର, ଲିଙ୍ଗ ହାତୀ ଓ କୁଶ ପାତ୍ର ସହଯୋଗ କରିଥିଲେ। ଅଧ୍ୟାପିକା ଅର୍ଚ୍ଚନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂସ୍କାର ଇଣ୍ଟରନ୍ୟାସନାଲ୍‌ରେ ଜ୍ଞାନ ମେଳା

ବରଗଡ଼,୨୨।୮ (ସମିସ): ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଶୁକ୍ରବାର ଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ସୁମନ ସାଓଡ଼ିଆ, ପ୍ରଧାନଶିକ୍ଷକ କରନ ସାହୁ, ନିର୍ଦ୍ଦେଶକ ସିଦ୍ଧାର୍ଥ ସାଓଡ଼ିଆ, ଉପ ପ୍ରଧାନ ଶିକ୍ଷକ ପ୍ରଭୁଦତ୍ତ ଦାଶ, ଏକାଡେମିକ ସଂଯୋଜିକା ସୀମା ସାହୁ, ବବିତା ସାଓଡ଼ିଆ, ମମତା ଅଗ୍ରୱାଲ୍, ସଂଯୋଜିକା ମମତା ସିହ୍ନା, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ। ଏଥିରେ ୪୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୱାଟର୍ ଡିସ୍ପେନସର୍, ୱାଟର୍ କ୍ଲିନିଂ ବୋଟ୍, ସ୍ମାର୍ଟ ଟ୍ରାନ୍ସପୋର୍ଟେସନ୍, ବ୍ଲଡ୍ ଟେଷ୍ଟ କି, ହାର୍ଟ ସିଷ୍ଟମ୍, କିଡନି ସିଷ୍ଟମ୍, ସୋଲାର୍ ଇରିଗେସନ୍, ସିମ୍ପଲ୍ ମାଇକ୍ରୋସ୍କୋପ୍ ଆଦି ପ୍ରକଳ୍ପ ସମସ୍ତଙ୍କୁ ଆକର୍ଷଣ କରିଥିଲା। ଗଣିତ ବିଭାଗରେ ମେଣ୍ଟାଲ୍ ମ୍ୟାଥ୍, ରାମାନୁଜନ୍ ସବମିସନ୍, ହୋଲୋଗ୍ରାମ୍, କ୍ଲିନୋମିଟର୍ ପ୍ରଭୃତି ବିଭିନ୍ନ ପ୍ରକାର ଖେଳ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା।



ସାମାଜିକ ବିଜ୍ଞାନ ବିଭାଗରେ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ, ନାଗାସାକି-ହିରୋଶିମା ବିସ୍ଫୋରଣ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ସ୍ୱାଧୀନତା ସଂଗ୍ରାମୀ, ତିରଙ୍ଗାର ଇତିହାସ, ଗାନ୍ଧିଜୀଙ୍କ ଦାଣ୍ଡି ଯାତ୍ରା, ନାଳନ୍ଦା ବିଶ୍ୱବିଦ୍ୟାଳୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଇଂରାଜୀ ବିଭାଗରେ ବିଦ୍ୟାର୍ଥୀମାନେ ନ୍ୟୁଜ୍ ରୁମ୍, ଗ୍ରାମାର୍ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଇମ୍ୟାଜିନେରିୟମ୍‌ରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ରଚିତ କବିତା ଓ ପୁସ୍ତକ ସବୁ ପ୍ରଦର୍ଶିତ ହୋଇଥିଲା। ଓଡ଼ିଆ ବିଭାଗରେ ଆଞ୍ଚଳିକ ସ୍ୱାଧୀନତା ସଂଗ୍ରାମୀ, ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ସ୍ଥଳ ଉପରେ ପ୍ରଦର୍ଶନୀର ଆୟୋଜନ ହୋଇଥିଲା। ସଂସ୍କୃତ ବିଭାଗରେ ସଂସ୍କୃତ ଘଟିକା, ରଙ୍ଗର ନାମ ଉପରେ ଆଧାରିତ ପ୍ରଶ୍ନୋତ୍ତର କରାଯାଇଥିଲା। କମ୍ପ୍ୟୁଟର ବିଭାଗରେ କୃତ୍ରିମ ବୁଦ୍ଧିମତ୍ତା, ଗେମ୍ସ, ପାୱାର୍ ପଏଣ୍ଟ ପ୍ରେଜେଣ୍ଟେସନ୍, ସିନେମାରେ ଏହାର ଯୋଗଦାନ ଆଦି ବିଷୟରେ ପ୍ରସ୍ତୁତି ଦିଆଯାଇଥିଲା। ଆର୍ଟ ଏବଂ କ୍ରାଫ୍ଟ ବିଭାଗରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ସଙ୍ଗୀତ ବିଭାଗରେ ଛାତ୍ରଛାତ୍ରୀମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଯୋଗ ବିଭାଗରେ ପବନମୁକ୍ତାସନ, ମତ୍ସ୍ୟାସନ, ଭୁଜଙ୍ଗାସନ, ଧନୁରାସନ ଆଦି ଯୋଗ ଓ ଏହାଦ୍ୱାରା ରୋଗ ପ୍ରତିରୋଧର ଉପାୟ ବିଷୟରେ ତଥ୍ୟ ଦିଆଯାଇଥିଲା।

# ନିର୍ଦ୍ଧାରିତ ସମୟରେ ମିଳୁନି ଭତ୍ତା

## ● ଆଶା ଆଶଙ୍କାରେ ହିତାଧିକାରୀ

ପଦ୍ମପୁର,୨୨।୮ (ସମିସ): ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ନିର୍ଦ୍ଧାରିତ ସମୟରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମଙ୍କୁ ଭତ୍ତା ମିଳୁ ନଥିବା ଅଭିଯୋଗ ହୋଇଛି। ଯାହାଫଳରେ ଭତ୍ତା ମିଳିବାକୁ ନେଇ ଏବେ ହିତାଧିକାରୀ ଆଶା ଆଶଙ୍କାକୁ ନେଇ ଦିନ କାଟୁଥିବା ସୂଚନା ମିଳିଛି। ସାମାଜିକ ଓ ଆର୍ଥିକସ୍ତରରେ ଦୁର୍ବଳ ଥିବା ଲୋକ, ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମଙ୍କ ସହାୟତା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଭତ୍ତା ଦେବାର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଯୋଜନାରେ ରାଜ୍ୟର ଲକ୍ଷାଧିକ ହିତାଧିକାରୀ ଭତ୍ତା ପାଉଛନ୍ତି। ହେଲେ ଏଭଳି ବ୍ୟତିକ୍ରମକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ୁଛି। ନିର୍ଦ୍ଧାରିତ ତାରିଖରେ ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଛି।

# ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ଦିବସ



ବରଗଡ଼,୨୨।୮ (ସମିସ): ଏଟିଭର୍ ହେଲ୍ପିଂ ଫାଉନଡେସନର ସଭାପତି ଦିବାକର ମାଝୀଙ୍କ ସଭାପତିତ୍ୱରେ ଅମ୍ବାପାଲି ପାର୍ବତୀ ଗିରି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ସ୍ୱର୍ଗତ ପାର୍ବତୀ ଗିରିଙ୍କ ୩୦ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମେଘନାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ସମ୍ମାନିତ ଅତିଥି ଭାବରେ ପାର୍ବତୀ ଗିରିଙ୍କ ଭଣଜା ପ୍ରମୋଦ ଗିରି ଓ ଭରତ କୁମାର ଗିରି, ଜିଲ୍ଲା ସହକାରୀ କୃଷି ଉଦ୍ୟାନ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ହରେକୃଷ୍ଣ ପୂଜାରୀଙ୍କ ସୁପୁତ୍ର ସଂଜୀବ ପୂଜାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ମହାପାତ୍ର, ଇନର ହ୍ୱିଲ୍ କ୍ଲବ୍‌ର ପୂର୍ବତନ ଜିଲ୍ଲା ସଭାପତି ମମତା ପୁରୋହିତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାଜ ବିର୍ତିଆ, ସମାଜସେବୀ ଦୟାନିଧି ପଧାନ, ଜଗଦିଶ ବିର୍ତିଆ, ଜନତା ସଂଘର୍ଷ ସମିତିର ସଭାପତି କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ସଂଯୋଜକ ସଞ୍ଜୟ ଶତପଥି, ସମାଜସେବୀ କନକ ପଧାନ, ନିଶାମଣୀ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତ ଶିକ୍ଷକ ଚିତ୍ତ ରଞ୍ଜନ ଦାଶ ପ୍ରାରମ୍ଭରେ ମନ୍ତ୍ରପାଠ କରିଥିଲେ। ଉତ୍ତମ ସମାଜ ସେବା ପାଇଁ ଇନର ହ୍ୱିଲ୍ କ୍ଲବକୁ ପାର୍ବତୀ ଗିରି ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପାର୍ବତୀ ଗିରି ବାଳିକା ଉଚ୍ଚ ବିଦ୍ୟାଳୟକୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଦଶମ ବୋର୍ଡର୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରୀନା ରଥଙ୍କୁ ସମ୍ମାନିତ କରାଯାଇଥିଲା। ନବମ ଓ ଦଶମ ଶ୍ରେଣୀରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀମାନଙ୍କୁ ଗୋପାଳ ବିର୍ତିଆ ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ମହାପାତ୍ର, ଗଙ୍ଗାଧର ପୂଜାରୀ, ରମେଶ ଦାଶ, ପାର୍ବତୀ ଗିରି ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଫାଉଣ୍ଡେସନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାଜ ବିର୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନନ୍ଦ ସେବା ସଦନରେ ପହଞ୍ଚିଲା ନୂଆଖାଇ ଅଡ଼ିଆ

ବରଗଡ଼,୨୨।୮ (ସମିସ): ଭେଡେନ ବ୍ଲକ୍ ପପଙ୍ଗା ସ୍ଥିତ ବୃଦ୍ଧାଶ୍ରମ, ଗୋଶାଳା ଓ ଅନାଥାଶ୍ରମର ସମ୍ମିଳିତ ଆଶ୍ରମ ଆନନ୍ଦ ସେବାଶ୍ରମକୁ ଶୁକ୍ରବାର ଅପରାହ୍ନରେ ବରଗଡ଼ ମହିଳା ସମିତି ନୂଆଖାଇ ଅଡ଼ିଆ ପହଞ୍ଚାଇଥିଲେ। ସେଠାରେ ଥିବା ୩୦ ଜଣ ଅନ୍ତେବାସୀ ପୁରୁଷ, ମହିଳା, ବାଳିକା ଓ ଶିଶୁଙ୍କ ପାଇଁ ଶାଢ଼ୀ, ଧୋତି, ଗାମୁଛା, ସାର୍ଟ, ସଲୱାର୍, ଶିଶୁ ଡ୍ରେସ ସାଙ୍ଗକୁ ନୂଆଖାଇ ପାଇଁ ଆବଶ୍ୟକ ସମସ୍ତ ରାସନ ସାମଗ୍ରୀ ଓ ପନିପରିବା ଭେଟି ପ୍ରଦାନ କରିଥିଲେ। ସଂଘର ସଭାନେତ୍ରୀ ଅଞ୍ଜନା ଦାସ, ସମ୍ପାଦିକା ସୁଧାଂଶୁବାଳା ଦାଶ ଓ କୋଷାଧକ୍ଷ ମମତା ମିଶ୍ରଙ୍କ ନେତୃତ୍ୱରେ ସମିତିର ୩୦ ଜଣ ସଦସ୍ୟା ଆନନ୍ଦ ସେବା ସଦନକୁ ଯାଇ ସମସ୍ତଙ୍କୁ ନୂଆବସ୍ତ୍ର ଓ ଅଡ଼ିଆ ପ୍ରଦାନ କରିଥିଲେ। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ସୁନିତା, ମନ୍ଦାକିନୀ, ସସ୍ମିତା, କନକ, ମଞ୍ଜୁ, ବାସନ୍ତୀ, ମୀନା, କବିତା, ସବିତା, ରାନି, କମଳିନୀ, ଜୟଗୀତା, ବୀଣାପାଣି, ସୈବଳିନି, ଗୀତା, ଜୟଶ୍ରୀ, ନିବେଦିତା, ମୀନାକ୍ଷୀ, ସଂଗୀତା, ସ୍ୱାଧିନୀ, ହାରଜିନ୍ଦର୍, ଦେବକୀ, ବିନୋଦିନୀ, ପ୍ରଣତି, ମଞ୍ଜୁ ପ୍ରମୁଖ ସାମିଲ ହୋଇଥିଲେ। ଆଶ୍ରମର ପରିଚାଳକ ଆନନ୍ଦ ସେଠ୍ ବରଗଡ଼ ମହିଳା ସମିତିକୁ ଧନ୍ୟବାଦ ଜଣାଇଥିଲେ।



# ଲେଣ୍ଡା ପଞ୍ଚମ ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ



ବରପାଲି,୨୨।୮ (ସମିସ): ବରପାଲି ବ୍ଲକ୍ ଲେଣ୍ଡା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ପଞ୍ଚମ ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଲେଣ୍ଡା ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଅଇଁଠାପାଲି ଓ ବରଗଡ ବର୍ଡୋଲ ଦଳ ମଧ୍ୟରେ ହୋଇଥିଲା। ମୁଖ୍ୟଅତିଥି ଭାବେ ସରପଞ୍ଚ ସୁଜାତା ବେହେରା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ପ୍ରଥମ ଖେଳରେ ବର୍ଡୋଲ ଦଳ ୩-୨ ଗୋଲରେ ବିଜୟ ହାସଲ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଓ ଲେଣ୍ଡାର ପୂର୍ବତନ ଫୁଟବଲ୍ ଖେଳାଳି, ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। କ୍ରିଡାବିତ୍ ସୌଭାଗ୍ୟ ରଞ୍ଜନ ବିଶ୍ୱାଳଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଶେଷରେ ପ୍ରଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଶିକ୍ଷକ ଗୌରାଙ୍ଗ ପାଣ୍ଡେ, ସୁରେଶ ବେହେରା, ଅନୁରୋଧ ପଧାନ, ନରେଶ ପଧାନ, ଜିତେନ୍ଦ୍ରିୟ ବିଦ୍ୟାଧର, କୃଷ୍ଣ ଚନ୍ଦ୍ର ବିଶ୍ୱାଳ ଓ ରାଧାକାନ୍ତ ନାଏକ ଖେଳ ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ସାଧୁ ନୃସିଂହ ଦାସ ଆହତ

ପାଇକମାଲ,୨୨।୮ (ସମିସ): ପାଇକମାଲ ବ୍ଲକ୍ ଗୋପପୁର ମହିମା ଆଶ୍ରମର ଅଧିଷ୍ଠାତା ସାଧୁ ନୃସିଂହ ଦାସ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଛନ୍ତି। ନୃସିଂହପଡାରୁ ଏକ ହୋମଯଜ୍ଞ ସାରି ଗୋପପୁର ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଭୁବନେଶ୍ୱରପୁର ଗାଁର ଏକ ପୋଲ ନିକଟରେ ଗାଡିର ବ୍ରେକ୍ ଫେଲ ହୋଇଥିଲା। ତେବେ ଡ୍ରାଇଭରର ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ଆସନ୍ନ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ ମଧ୍ୟ ସାଧୁ ନୃସିଂହ ଦାସ ଏଥିରେ ଆହତ ହୋଇଛନ୍ତି। ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ତେବେ ଗାଡିରେ ଥିବା ଅନ୍ୟ ଭକ୍ତମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ସାଂସଦ ପ୍ରଦୀପ ପୁରୋହିତ ବାବାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ପାଇଁ ସଚେତନତା

ଅମ୍ବାଭୋନା,୨୨।୮ (ସମିସ): ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ସୃଷ୍ଟି କରିବା ନେଇ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଜନତା ହାଇସ୍କୁଲ ଭୁକ୍ତାରେ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ଯୋଗୁଁ ହେଉଥିବା ପରିବେଶର କ୍ଷୟକ୍ଷତି ସମ୍ପର୍କରେ ଧାରଣା ଦେଇଥିଲେ। ଶିକ୍ଷକ ଶ୍ରୀପତି ସାହୁ, ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ପ୍ରଶାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ଅନୀତା ପଧାନ ସହଯୋଗ କରିଥିଲେ। ବିଜ୍ଞାନ କ୍ଲବ୍, ଜିଜ୍ଞାସା କ୍ଲବ୍, ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍ ଓ ୟୁଥ୍ ଆଣ୍ଡ ଇକୋ କ୍ଲବର ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

# ଆଇନସେବା ପ୍ରାଧିକରଣର ଆଲୋଚନାଚକ୍ର

ବରଗଡ,୨୨।୮ (ସମିସ): ସ୍ଥାନୀୟ ନିଶାମଣି ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁନର୍ବାର ବିଦ୍ୟାଳୟକୁ ଫେରାଇ ଆଣିବା ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଡକ୍ଟର ସଂଗୀତା ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବରଗଡ ଡିଏଲ୍‌ଏସ୍‌ଏର ସଭାପତି ନ୍ୟାୟାଧୀଶ ବିଭୂତି ଭୂଷଣ ନାୟକ ମୁଖ୍ୟବକ୍ତା ଓ ବରିଷ୍ଠ ଆଇନଜୀବୀ ମନସୀ ସାହୁ, ମୁଖ୍ୟ ଅତିଥି ରୂପେ ଯୋଗଦେଇ 'ଡ୍ରପ୍ ଆଉଟ୍' ସମସ୍ୟାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଲିଗାଲ ଲିଟ୍ରେସି କ୍ଲବର ଭାରପ୍ରାପ୍ତ ଶିକ୍ଷକ ମନୋହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ତୋଷୀ ଅଗ୍ରୱାଲ, ସୌମ୍ୟ କୁମାର ବିଭାର, କେଦାର ଧରୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ସଞ୍ଜୟ ଓଡ଼ିଶା ବୁଣାକାର ମହାସଂଘର ଉପସଭାପତି

ବରଗଡ଼,୨୨।୮ (ସମିସ): ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଭୁବନେଶ୍ୱର ସ୍ଥିତ ରେଡ୍‌କ୍ରସ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ପୂର୍ବତନ ସଭାପତି ଶ୍ରୀଧର ବେହେରାଙ୍କୁ ପୁନର୍ବାର ସଭାପତି ଭାବେ ମନୋନୀତ କରାଯାଇଥିଲା। ସଞ୍ଜୟ କୁମାର ମେହେର, କିଶୋର ଚନ୍ଦ୍ର ଦାସ, ନିତ୍ୟାନନ୍ଦ ମେହେର, ଶ୍ରୀକାନ୍ତ କୁମାର ନାୟକ, ଅନୀଲ କୁମାର ମହାପାତ୍ର ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ମେହେର, ସଂଗଠନ ସମ୍ପାଦକ ବିଜୟ କୁଣ୍ଡୁ ମନୋନୀତ ହୋଇଛନ୍ତି। ପ୍ରତାପ କୁମାର ଦାସ, ପ୍ରକାଶ ଚନ୍ଦ୍ର ଦାସ, ବିଶ୍ୱନାଥ ଦାସ, ସୁବାଷ ଚନ୍ଦ୍ର ସାହୁ ସମ୍ପାଦକ ଏବଂ କୋଷାଧକ୍ଷ ଭାବେ ମିଳନ୍ କୁମାର ମେହେର ଓ ସହ-ସମ୍ପାଦକ ଭାବେ ଗୋବିନ୍ଦ ସାହୁ, ଶରତ ଚନ୍ଦ୍ର ଚନ୍ଦ୍ର ଦାସ, ରଂଜନ କୁମାର ପାତ୍ର, ପ୍ରଭାସ ଚନ୍ଦ୍ର ନାୟକ ଓ ଶ୍ରୀନିବାସ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ପଦ୍ମଶ୍ରୀ ପ୍ରଭାକର ପ୍ରଭ ମହାରଣା, ପଦ୍ମଶ୍ରୀ ଗୋବର୍ଦ୍ଧନ ପଣିକା, ଓଡ଼ିଶାର ବିଶିଷ୍ଟ ସମବାୟବିତ୍ ଜଜ୍ଞେଶ୍ୱର ବାବୁ, ରାଜ୍ୟ ବିଜେପି ସମବାୟ ପ୍ରକୋଷ୍ଠର ସଂଯୋଜକ ଶ୍ରୀରଂ ରଂଜନ ମଙ୍ଗରାଜ, ବରିଷ୍ଠ ବୁଣାକାର ଧ୍ରୁବ ଦାସ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ପ୍ରଦୀପ କୁମାର ବନ୍ଧନ, ଅର୍ଜୁନ କଟୁଆଳ, ହୃଦାନନ୍ଦ ରାଉତ, ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ, ଆନ୍ତର୍ଜାତୀୟ ଖ୍ୟାତସମ୍ପନ୍ନ ବାନ୍ଧ ଶିଳ୍ପୀ ସୁରେନ୍ଦ୍ର ମେହେର, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ହୋତା, ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି, ତ୍ରିନାଥ ପ୍ରସାଦ ତ୍ରିପାଠୀ, ସାମ୍ବାଦିକ ଅଶୋକ ମିଶ୍ର, ସାମ୍ବାଦିକ ଦିଲୀପ କୁମାର ଆଚାର୍ଯ୍ୟ ପ୍ରମୁଖ ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ପାଇକମାଲ,୨୨।୮ (ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ନୃସିଂହନାଥ ଏସ୍‌ଏସ୍‌ଡି ହାଇସ୍କୁଲରେ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ସୁରେନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ସମାଜସେବୀ ବଡ ଶତପଥୀ, ସମ୍ମାନିତ ଅତିଥି କେଦାରନାଥ ଦାଶ, ବିଜୟ ଶଙ୍କର ଦେହୁରୀ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ମୋହିନୀ ଦଳପତି ଓ ସହକାରୀ ଶିକ୍ଷକ ସୁବାସ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଚ୍ଛବ ଭୁଏ ସଭା ପରିଚାଳନା କରିଥିଲେ। ଅଶ୍ୱିନୀ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ଛିନ୍ଦେଇକେଲା ହାଇସ୍କୁଲରେ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ମେହେରଙ୍କ ସଭାପତିତ୍ୱରେ ବିଦାୟୀ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ମାଲପଡା ସିଆରସିସି ସନ୍ତୋଷ ମେହେର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶିକ୍ଷକ ଫକୀର ମୋହନ ବାରିକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା ପରିଷଦ ସଭାପତି ସନ୍ତୋଷ ସାହୁ, ବିଦ୍ୟାଧର ସାହୁ, ରତିକାନ୍ତ ସାହୁ, ସୁରେଶ ସାହୁ, ନନ୍ଦିକିଶୋର ନନ୍ଦ, ମାଳତୀ କୁଅଁର, ମହେନ୍ଦ୍ର ଭୋଇ, କମିଟି ଚେୟାରମେନ ସନ୍ତୋଷ ପାଢ଼ୀ, ସୁଶାନ୍ତ ସାହୁ, ରାମକିଶନ ହଂସ ଉପସ୍ଥିତ ଥିଲେ। ସୁରେନ୍ଦ୍ର ସାହୁ, ଜ୍ୟୋତିରଞ୍ଜନ ପ୍ରଧାନ, ହେମସାଗର ସାହୁ, ଗୌର ଚରଣ ସାହୁ ସହଯୋଗ କରିଥିଲେ। ଶିକ୍ଷକ ଅଶ୍ୱିନୀ ସାହୁ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଚାଷ କ୍ଷେତ୍ର ପରିଦର୍ଶନ

ଝାରବନ୍ଧ,୨୨।୮ (ସମିସ): ଝାରବନ୍ଧ ବ୍ଲକ୍‌ରେ ଜୈବିକ ପଦ୍ଧତିରେ ହେଉଥିବା ଚାଷର କ୍ଷେତ୍ର ପରିଦର୍ଶନ ପାଇଁ ଏକ ଅଧିକାରୀ ଟିମ୍ ଝାରବନ୍ଧ ଗ୍ରସ୍ତ କରି ଚାଷ ବୁଲି ଦେଖିଛନ୍ତି। ପ୍ରାକୃତିକ କ୍ଷେତ୍ର ପରିଦର୍ଶନରେ ବରଗଡ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀ, ଯୋଜନା ଅଧିକାରୀ ରାଜୀବ ମିଶ୍ର ଓ ଅଞ୍ଜନ କୁମାର ନାୟକ, ଏଡିଓ ପ୍ରଭାସ କୁମାର ପଣ୍ଡା, ବ୍ଲକ କୃଷି ଅଧିକାରୀ ନୀତା ଶବର ଆସିଥିଲେ। ଏହି ଟିମ୍ ଜଗଦଲପୁର ପଞ୍ଚାୟତର ନୂଆଁପଡା ଗ୍ରାମର ଚାଷୀ ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ୫ ଏକର କଳାଧାନ କୃଷି କ୍ଷେତ୍ର ପରିଦର୍ଶନ କରିଥିବା ବେଳେ ବିଜାରଭଟା ଗ୍ରାମର ଗଜପତି ସାହୁଙ୍କ ମୁଗ କୃଷି କ୍ଷେତ୍ର, ଦିଲ୍ଲିପ ସାହୁଙ୍କ ବିରି କୃଷି କ୍ଷେତ୍ର ଏବଂ ଚିରୋଲି ଗ୍ରାମର ନିରୋଜ ସାହୁଙ୍କ ଧାଡି ପଦ୍ଧତିରେ କରାଯାଇଥିବା ମାଣ୍ଡିଆ କୃଷି କ୍ଷେତ୍ର ପରିଦର୍ଶନ କରିଥିଲେ। ଏହା ପରେ ଚଣ୍ଡିଭଟା ସତର୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପଛପଟେ ଥିବା ଶ୍ରୀ ପଦ୍ଧତିରେ ହୋଇଥିବା କଳାଧାନ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଚାଷରେ ହାଣ୍ଡି ଖତ, ନିମାସ୍ତ୍ର, ବ୍ରାହ୍ମସ୍ତ୍ର ତଥା ଜୈବକ ଖତ ପ୍ରୟୋଗ କରି ଚାଷ କରିଥିବାର ଆଲୋଚନା ହୋଇଥିଲା। ପରିଦର୍ଶନ ସମୟରେ ସତର୍କ ଅନୁଷ୍ଠାନର ସମ୍ପାଦକ ବିକାଶ ନାୟକ, ବ୍ଲକ୍ ସଂଯୋଜକ ସ୍ମୃତିରଞ୍ଜନ ନାୟକ, ପ୍ରୋଜେକ୍ଟ କୋଡିନେଟର୍ ବସନ୍ତ ନାୟକ, ଆକାଉଣ୍ଟାଣ୍ଟ୍ ଲବଣି ସାହୁ, ଅତିରିକ୍ତ ବ୍ଲକ୍ ସଂଯୋଜକ ସନକ ପ୍ରଧାନ, ସିଇଓ ରାଜେଶ ପ୍ରଧାନ ଉପସ୍ଥିତ ଥିଲେ।



## ଗାନ୍ଧୀ ସ୍ମୃତି ପାଠାଗାରରେ ଅଲୋଚନାଚକ୍ର

# 'ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଅପରିହାର୍ଯ୍ୟ'

ବରଗଡ଼,୨୨।୮ (ସମିସ)

ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଅପରିହାର୍ଯ୍ୟ; ମଣିଷ ଏହାକୁ ଉଭୟ ସକାରାତ୍ମକ ଓ ନକାରାତ୍ମକ ଭାବରେ ବ୍ୟବହାର କରିପାରେ, ଏହା ତାଙ୍କ ଉପରେ ନିର୍ଭରଶୀଳ ବୋଲି ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ "ଜନ ସାଧାରଣ ନିମନ୍ତେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗିତା' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ କହିଛନ୍ତି। ଏଥିରେ ବାଙ୍ଗାଲୋର ଆଇଆଇଏସଆର ର ନିର୍ଦ୍ଦେଶକ ଡ. ଦୁର୍ଗେଶ ଶତପଥୀ ଓ ବରଗଡ଼ ଇମ୍ପେରିଏଲ ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ଅଧ୍ୟାପକ ରୂପ ଚନ୍ଦ୍ର ଝା ବକ୍ତା ଭାବେ ଯୋଗଦେଇ ଆହୁରୀ କହିଥିଲେ, କୃତ୍ରିମ ବୁଦ୍ଧିମତ୍ତା ମଣିଷକୁ ବୁଦ୍ଧି ଓ ଜ୍ଞାନ ବୃଦ୍ଧି କ୍ଷେତ୍ରରେ ଯେତିକି ଆଗଭର କରିଥାଏ, ସେତିକି ଅଳସୁଆ ମଧ୍ୟ କରିଥାଏ। ତେଣୁ ଏହି ବରଦାନକୁ ଭସ୍ମାସୁର ଭାବରେ ବ୍ୟବହାର କରା ନ ହେଉ ବୋଲି ଉଭୟ ଅତିଥି ବକ୍ତା କହିଥିଲେ। ପାଠାଗାରର ଉପ ସଭାପତି ମନୋରଂଜନ ସାହୁଙ୍କ ସଭାପତିତ୍ୱ ଓ ବରିଷ୍ଠ ସଦସ୍ୟ ଜୟ ପ୍ରକାଶ ଶତପଥୀଙ୍କ ସଂଯୋଜନାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପାଠାଗାରର ସମ୍ପାଦକ ରବି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧକ୍ଷ ହୃଷୀକେଶ ଦାଶ, ସଦସ୍ୟ ଗୌରୀ ଶଙ୍କର ପଣ୍ଡା, ଡ. ରବି ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ଅବକାରୀ ଚଢ଼ଉ, ମହୁଲି ପୋଚ ନଷ୍ଟ

କୁଚିଣ୍ଡା,୨୨ ।୮ (ସମିସ): ଲରିଆପାଲି ପଞ୍ଚାୟତ ଅନ୍ତର୍ଗତ ନୂଆଡ଼ିହି ମୋରାମ ଜଙ୍ଗଲରେ ବେଆଇନ ଭାବେ ମହୁଲି ମଦ ପ୍ରସ୍ତୁତି ହେଉଥିବା ସୂଚନାରେ ଗୋବିନ୍ଦପୁର ଅବକାରୀ ବିଭାଗ ଚଢାଉ କରିଥିଲା ।ଚଢଉ ପୂର୍ବରୁ ମଦ ପ୍ରସ୍ତୁତକାରୀମାନେ ସୁଯୋଗ ପାଇ ପଳାଇବାରେ ସଫଳ ହୋଇଥିଲେ। ଅଭିଯାନ ସମୟରେ ପ୍ରାୟ ୨ହଜାର ଲିଟର ମହୁଲି ପୋଚ, ୯୦ଲିଟର ତିଆରି ମଦ ସହିତ ବିଭିନ୍ନ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଛି। ଜବତ ହୋଇଥିବା ସମସ୍ତ ମହୁଲ ପୋଚକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଚଢାଉରେ ଅବକାରୀ ଅଧିକାରୀ ତୁଳେଶ୍ୱର କମୁରା, ଶ୍ୟାମ ଭୋଇ, ଆଲମା ତିଗା ସହିତ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବିଭିନ୍ନ କଲ୍ୟାଣ କାରୀ ଯୋଜନା ସମ୍ପର୍କିତ କର୍ମଶାଳା

ନାକଟିଦେଉଳ,୨୨ ।୮ (ସମିସ):ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ମେରା ଯୁବ ଭାରତ ସମ୍ବଲପୁର ପକ୍ଷରୁ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ମହାବିଦ୍ୟାଳୟର ଅଧକ୍ଷ ସୁଧୀର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାକଟିଦେଉଳ ପଞ୍ଚାୟତ ସମିତିର ଅଧକ୍ଷା ସ୍ୱରୂପା ରାଣୀ ସାହୁ,ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ମେରା ଯୁବା ଭାରତ ସମ୍ବଲପୁର ର ଉପ ନିର୍ଦ୍ଦେଶକ ମାରିଆ ନୁସ ବିଲୁଙ୍ଗ ,ନାକଟିଦେଉଳ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିକାଶ ସେଠ୍, ଅବସରପ୍ରାପ୍ତ ଅଧ୍ୟାପକ ଡ.ଦିପେନ୍ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଲେଖାପାଳ ଇନ୍ଦ୍ରଜିତ୍ ପଟେଲ, ଅଧ୍ୟାପକ ବିନୋଦ ପ୍ରଧାନ, ଶେଷଦେବ ବିଶ୍ୱାଳ, ଭଜ ମୋହନ ପ୍ରଧାନ ଓ ପ୍ରୟାସ କୁମାର ସରାପ୍ ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରକାର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗୀତାରେ.ରଚନା ମାଝୀ ପ୍ରଥମ, ପାୟଲ ପାରମିତା ପ୍ରଧାନ ଦିତୀୟ ଓ ରୋଜାଲିନ ପ୍ରଧାନ,ତୃତୀୟ ସ୍ଥାନ ଏବଂ ଓଡିଆ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ରଚନା ମାଝୀ ପ୍ରଥମ, କଳ୍ପନା ଗଡତ୍ୟା ଦିତୀୟ ଓ ସୁଜାତା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ।ଶେଷରେ ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଙ୍ଗାଧର ମେହେରଙ୍କ ଜୟନ୍ତୀ

ସମ୍ବଲପୁର,୨୨।୮ (ସମିସ):ବୁର୍ଲାସ୍ଥିତ ଶବ୍ଦ ସାହିତ୍ୟ ସଂସଦ ଓ ଭାରତୀ କଳା ବିକାଶ କେନ୍ଦ୍ର ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ



ହୋଇଛି ।ଅନୁଷ୍ଠାନର ସଭାପତି ନିରଞ୍ଜନ ପଟ୍ଟନାୟକ ଓ ମୁଖ୍ୟଅତିଥି ବ୍ରଜବନ୍ଧୁ ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ.ଶୁକମୁନି ମେହେରଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।ସୁସାହିତ୍ୟିକ ଓ ସମାଲୋଚକ ଡ.ଫକୀର ଚରଣ ରଣାଙ୍କ ସମାଲୋଚନା ପୁସ୍ତକ ଭୂମି ଓ ଭୂମା ଉନ୍ମୋଚିତ ହୋଇଥିଲା। ବହିର ସମୀକ୍ଷା କରିଥିଲେ ପ୍ରଫେସର ଶ୍ୟାମସୁନ୍ଦର ଧର। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ପ୍ରବୀଣ ଶିକ୍ଷକ ରାମକୃଷ୍ଣ ରଥ ।ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ନମିତା ଆଚାର୍ଯ୍ୟ ।ସହକାରୀ ପ୍ରଫେସର ଅରବିନ୍ଦ ପଣ୍ଡା ଓ ପ୍ରମୋଦ କୁମାର ଦାଶ ସମାରୋହକୁ ପରିଚାଳନା କରିଥିଲେ ।କାର୍ଯ୍ୟକ୍ରମରେ ବହୁ କବି କବିତା ପାଠ କରିଥିଲେ।

## ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ବିୟୋଗରେ ଶୋକସଭା

ସମ୍ବଲପୁର,୨୨।୮ (ସମିସ):ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ବିୟୋଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗଣିତ ବିଭାଗ ତରଫରୁ ଶୋକସଭା ଆୟୋଜିତ



ହୋଇଛି। ଦିବଂଗତ ଆତ୍ମାର ସଦଗତି ଲାଗି ନୀରବ ପ୍ରାର୍ଥନା ସହ ଶୋକସଭା ହୋଇଥିଲା। ଶୋକସଭାରେ ଛାତ୍ରଛାତ୍ରୀଙ୍କ ସହ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଶାନ୍ତ କୁମାର ରାୟ, ପ୍ର. ଅଜୟ କୁମାର ବେହେରା, ପ୍ର. ସବିତା ସାହୁ, ପ୍ର. ଅରୁଣ କୁମାର ତ୍ରିପାଠୀ, ପ୍ର. ମୋନାଲିସା ପଟ୍ଟନାୟକ, ଡ. ନିହାର ରଞ୍ଜନ ଶତପଥୀ, ଡ. ପ୍ରିୟବ୍ରତ ଗୋଚ୍ଛାୟତ, ଡ. ରଶ୍ମିକାନ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ପ୍ର. ଗୋକୁଳାନନ୍ଦ ଦାସ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରଫେସର ଥିଲେ।

## ପ୍ରବଳ ବର୍ଷାରେ ଗଛପଡ଼ି ରାସ୍ତା ଅବରୋଧ

ଜମନକିରା,୨୨ ।୮ (ସମିସ): ଜମନକିରା ବ୍ଲକ୍ ଛକ ନିକଟ ମାଳିପଡା ରାସ୍ତା ଉପରେ ଗଛ ଭାଙ୍ଗି ପଡି ରାସ୍ତା ଅବରୋଧ ହୋଇଥିଲା। ପ୍ରାୟ ୩ଘଣ୍ଟା ପରେ ସକାଳ ଆଠଟାରେ ଫାୟାର ଟିମ୍ ଆସି ଗଛ କାଟି ସଫା କରିବା ପରେ ରାସ୍ତାରେ ଗାଡି ମଟର ଚଳାଚଳ କରି



ଥିଲା। ପ୍ରକାଶ ଥାଉ ବିରାଟ କେନ୍ଦୁଗଛ ଭାଙ୍ଗି ପଡ଼ିବାରୁ ଏକ ଇଲେକ୍ଟ୍ରି ପୋଲ ଭାଙ୍ଗି ଯାଇଛି। ଯାହା ଫଳରେ ପଡାକୁ ଲାଇନ୍ ଆଜି ନ ଥିଲା। ଆହୁରି ଗଛ ପଡ଼ି ବାରୁ ନୂତନ ନିର୍ମାଣ ହେଉ ଥିବା ହନୁମାନ ମନ୍ଦିର ଉପରେ ପଡ଼ି ଯାଇଥିଲା। ଏପରିକି ଭୋର ସମୟରେ ଜୀବନ୍ତ କେବୁଲ ତାର ଜମନକିରା ମୁଖ୍ୟରାସ୍ତା ଉପରେ ପଡି ରହିଥିଲା। ଗୋଟିଏ ପଟେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଯାଇଥିଲା ବେଳେ ଅନ୍ୟ ପଟେ ଲାଇନ୍ ନ ଥିବାରୁ ଜନ ସାଧାରଣଙ୍କୁ ନାହି ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ।

### ବିଭିନ୍ନ ସମସ୍ୟା ନେଇ ରେଢ଼ାଖୋଲ ବନ୍ଦ ପାଳନ

# ରାସ୍ତା ଉପରେ ବସି ରହିଲେ ବିଜେଡି କର୍ମୀ ଓ ଅଞ୍ଚଳବାସୀ

ରେଢ଼ାଖୋଲ,୨୨ ।୮ (ସମିସ)





ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥ ବିଭିନ୍ନ ସମସ୍ୟାକୁ ନେଇ ରେଢ଼ାଖୋଲ ବିଜେଡ଼ି ପକ୍ଷରୁ ଶୁକ୍ରବାର ଦିନ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ୬ ଦଫା ସମ୍ବଳିତ ଦାବିକୁ ନେଇ ଲଗାଣ ବର୍ଷାରେ ସ୍ଥାନୀୟ ଭୀମଭୋଇଛକ ଜାତୀୟ ରାଜପଥ ଉପରେ ଶହ ଶହ ବିଜେଡ଼ି କର୍ମୀ ଏବଂ ରେଢ଼ାଖୋଲ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ।ସ୍ୱତପ୍ରବୃତ ଭାବେ ସମସ୍ତ ଦୋକାନ ବଜାର ବନ୍ଦ କରିବା ସହିତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଜାତୀୟ ରାଜପଥ ରାସ୍ତା ସମସ୍ୟା ଉପରେ ୬ ଦଫା ଦାବି ଯଥା ସହର ଭିତର ଦେଇ ନିର୍ଦ୍ଧାରିତ ସମୟ ଅନୁଯାୟୀ ପାଉଁଶ ବୋଝେଇ ଗାଡି ଚଳାଚଳ କରିବା ସହିତ ନିୟମ ଅନୁଯାୟୀ ସୁରକ୍ଷିତ ଭାବେ ଚଳାଚଳ, ନିର୍ମାଣଧିନ ହାତୀ ଚଲାପଥ ରାସ୍ତା ପାଶ୍ୱର୍ରେ ଥିବା ଗ୍ରାମ ଗୁଡ଼ିକ ଯାତାୟାତ ପାଇଁ ବାଇପାସ୍ ରାସ୍ତା ସଂଯୋଗ, ଜାତୀୟ ରାଜପଥ ରାସ୍ତା କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାଲସାଧୂମୁଣ୍ଡା, ଚାରବାଟି, ଚାରମାଳ ଛକରେ ଅଣ୍ଡରପାସ ରାସ୍ତା ନିର୍ମାଣ, ରେଢ଼ାଖୋଲ ନିକଟରେ ଥିବା କଦଳିଗଡ, ବାମୁର ଓ ହତିବାରି ଟୋଲ ଗେଟ୍‌ରେ ଅଞ୍ଚଳବାସୀ ଙ୍କୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଉ ଇତ୍ୟାଦି ଦାବି ରହିଥିଲା ।ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ଏନଏଚଆଇ ପିଡି ପ୍ରେମ ସାହୁ,ଏସଡିପିଓ ପ୍ରଶାନ୍ତ କୁମାର ମେହେର, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ପ୍ରଥମେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ବିଧାୟକ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବ୍ଲକ୍ ଅଧକ୍ଷ ପ୍ରଦୀପ ପ୍ରଧାନ ଓ ରେଢ଼ାଖୋଲ ବିଜେଡ଼ି ବ୍ଲକ୍ ସଭାପତି ଉଦିତ ତ୍ରିପାଠୀଙ୍କ ସହିତ ସମସ୍ୟା ଉପରେ ବିଭିନ୍ନ ପ୍ରକାର ଆଲୋଚନା କରିବା ପରେ ଭୀମଭୋଇ ଛକ ଠାରେ ଆସି ସମସ୍ତ ବିଜେଡ଼ି କର୍ମୀ ଏବଂ ଜନ ସାଧାରଣଙ୍କ ପାଖରେ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ଏବଂ ବନ୍ଦ ଡାକରା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସମ୍ବଲପୁର ଜିଲ୍ଲା ଉପସଭାପତି ଅନାଦି ସାହୁ, ବରିଷ୍ଠ ବିଜେଡି ନେତା ଅରୁଣ କୁମାର ପ୍ରଧାନ, ପୂର୍ବତନ ଏନଏସି ଉପାଧକ୍ଷ ସୁନିଲ କୁମାର ପ୍ରଧାନ, ନଗର ଯୁବ ସଭାପତି ବିକାଶ ଦାସ, ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ, ବ୍ଲକ ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ, ପୁରୋଷତ୍ତମ ଅଗ୍ରୱାଲ, କାଉନସିଲର ସୁଧାଂଶୁ ଅମାତ, ରାଜୀବ ଲୋଚନ ପ୍ରଧାନ, ବାସୁଦେବ ପୃଷେଠ, ସୁରେନ୍ଦ୍ର ବିଶ୍ୱାଳ, ଲକ୍ଷ୍ମଣ ପ୍ରଧାନ, ସୁଦର୍ଶନ ସାହୁ, ରାଜ କିଶୋର ପ୍ରଧାନ, ନନ୍ଦୁ ମୀରୀ ପ୍ରମୁଖ ସମେତ ଶତାଧିକ ସଂଖ୍ୟାରେ ବିଜେଡ଼ି କର୍ମୀ ଏବଂ ଜନ ସାଧାରଣ ସାମିଲ ଥିଲେ।

**● ସରକାରଙ୍କ ଘୋଷଣା ଧୂଆଁ ବାଣ**

## ଶତ ପ୍ରତିଶତ ଦିବ୍ୟାଙ୍ଗଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

କୁଚିଣ୍ଡା,୨୨ । ୮ (ସମିସ): ଯେଉଁ ମାନଙ୍କର ଶାରୀରିକ ବା ମାନସିକ ଅକ୍ଷମତା ୮୦ ପ୍ରତିଶତରୁ ଅଧିକ ଥିବ ସେମାନଙ୍କୁ ମାସିକ ୩୫୦୦ ଟଙ୍କା ଭର୍ତ୍ତା ଦେବା ପାଇଁ ସରକାର ନିୟମ କରିଛନ୍ତି ମାତ୍ର ଏହି ବର୍ଦ୍ଧିତ ଭର୍ତ୍ତା ଟଙ୍କା ଦେବାକୁ ଟାଳଟୁଳ ନୀତି ଗ୍ରହଣ କରି ଅଯଥାରେ ବିଳମ୍ବ କରୁଛନ୍ତି। ଏହାର ଏକ ଉଦାହରଣ କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ଗ୍ରାମ ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ଗ୍ରାମର କରିସ୍ମା ମୁଖୀ (୨୫) ଶତ ପ୍ରତିଶତ ମାନସିକ ଭିନ୍ନକ୍ଷମ ହୋଇଥିଲେ ମଧ ତାଙ୍କୁ ଦୁଇ ମାସ ହେବ ବର୍ଦ୍ଧିତ ଭର୍ତ୍ତା ମିଳି ପାରିନାହିଁ। ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲା ଯେ, ସେମାନେ ସରକାରକୁ ଆସିଲେ ରାଜ୍ୟବାସୀଙ୍କୁ ୩ ହଜାର ଟଙ୍କା ଭର୍ତ୍ତା ଦେବେ ମାତ୍ର କ୍ଷମତାକୁ ଆସିଲା ପରେ ଯେଉଁ ମାନଙ୍କର ଶାରୀରିକ ବା ମାନସିକ ଭିନ୍ନକ୍ଷମତା ୮୦ ପ୍ରତିଶତରୁ



ଅଧିକ ହୋଇଥିବ ସେମାନଙ୍କୁ ମାସିକ ୩୫୦୦ ଟଙ୍କା ଭର୍ତ୍ତା ଦେବାକୁ ନିୟମ କଲେ ମାତ୍ର ଏହି ଟଙ୍କା ଦେବାକୁ ବି ସରକାର ଟାଳଟୁଳ ନୀତି ଅବଲମ୍ବନ କରି ବହୁ ବିଳମ୍ବ କରୁଥିବା ଅଭିଯୋଗ ହେଉଛି। ବକ୍ସମା ଗ୍ରାମ ପଞ୍ଚାୟତର ଗ୍ରାମର କରିସ୍ମା ମୁଖୀ ଜନ୍ମରୁ ହିଁ ଭିନ୍ନକ୍ଷମ ଅଟନ୍ତି , ଭିନ୍ନକ୍ଷମ ଭର୍ତ୍ତି ମାସିକ ୧୨୦୦ ଟଙ୍କା ପାଉଛନ୍ତି ।ତେବେ ସରକାରଙ୍କ ଘୋଷଣା ପରେ ତାଙ୍କ ମାଁ ପୁରୁଣା ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରି ୩୫୦୦ ଟଙ୍କା ଦେବା ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବାରୁ ସେମାନେ ପୁରୁଣାରେ ହେବ ନାହିଁ ନୂଆ ସାର୍ଟିଫିକେଟ କରନ୍ତୁ ବୋଲି କହିବାରୁ ତାଙ୍କ ମାଁ ବହୁ କଷ୍ଟରେ କରିସ୍ମାଙ୍କ ଶତ ପ୍ରତିଶତ ମାନସିକ ଭିନ୍ନକ୍ଷମ ସାର୍ଟିଫିକେଟ ଆଣି ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ। ମାତ୍ର ଇତି ମଧ୍ୟରେ ଦୁଇ ମାସ ବିତି ଯାଇଥିଲେ ମଧ କରିସ୍ମାଙ୍କୁ ବର୍ଦ୍ଧିତ ଭର୍ତ୍ତା ମିଳି ପାରିନାହିଁ। ଏଣୁ ତାଙ୍କର ଔଷଧ ପତ୍ର ଏବଂ ଭରଣପୋଷଣରେ ବହୁ ଅସୁବିଧା ହେଉଥିବା ତାଙ୍କର ମାଁ ପ୍ରକାଶ କରିଛନ୍ତି। ତେବେ ଏ ବାବଦରେ ମତାମତ ପାଇଁ ବିଏସଏସଓ ଇଉତି ଭୋଇଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ୩୫୦୦ ଟଙ୍କାର ଭର୍ତ୍ତା ମଞ୍ଜୁର କାମ ଏବେ ରାଜ୍ୟ ସ୍ତରରୁ ହେଉଛି, ଏହା ଆମ ହାତରେ ନାହିଁ। କରିସ୍ମାଙ୍କ ଭର୍ତ୍ତା ସେଠାରୁ ମଞ୍ଜୁର ହେଲେ ଆମେ ତାଙ୍କୁ ଏହା ତୁରନ୍ତ ପ୍ରଦାନ କରିବୁ।

## ଆଚିଭର୍ସ ହେଲ୍‌ପିଂ ଫାଉଣ୍ଡେସନର ଚାରାରୋପଣ



ବରଗଡ଼,୨୨।୮ (ସମିସ): ଶୁକ୍ରବାର ଅମ୍ବାପାଲି ସଦର ଥାନାଠାରେ ଏଚିଭର୍ସ ହେଲ୍‌ପିଂ ଫାଉଣ୍ଡେସନ ତରଫରୁ 'ମା'ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚାରାରୋପଣ କରାଯିବା ସହ ପର୍ବତାରୋହୀ ଆଶୀର୍ବାଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସଦର ଥାନା ଅଧିକାରୀ ପ୍ରଣୟ ମୁର୍ମୁ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଫାଉଣ୍ଡେସନର ସଭାପତି ତଥା ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ଦିବାକର ମାଝୀ, ଦକ୍ଷିଣ ଆଫ୍ରିକାର ଉଚ୍ଚତମ ପର୍ବତ କିଲିମାଞ୍ଜାରୋକୁ ଆରୋହଣ କରିଥିବା ଆଶୀର୍ବାଦ ମହାପାତ୍ର ମଞ୍ଚାସୀନ ଥିଲେ। ପର୍ବତାରୋହୀ ଶ୍ରୀ ମହାପାତ୍ର ଦୃଢ ମନୋବଳ, ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ତଥା ବଡମାନଙ୍କ ଆଶୀର୍ବାଦ ଥିଲେ ସବୁ ସମ୍ଭବ ହୋଇପାରିବ ବୋଲି କହିଥିଲେ। ଶେଷରେ ଥାନା ପରିସରରେ ଚାରାରୋପଣ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମେଘନାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୬ ଫୁଟ ଲମ୍ବର ଅଜଗର ଉଦ୍ଧାର

ପାଇକମାଳ,୨୨ ।୮ (ସମିସ): ପାଇକମାଳ ମାହାରପଡ଼ାର ପ୍ରଫୁଲ୍ଲ କୁମାର ବେହେରାଙ୍କ ଘରୁ ଏକ ୬ ଫୁଟ ଲମ୍ବର ଅଜଗର ଉଦ୍ଧାର ହୋଇଛି। ଶୁକ୍ରବାର ରାତିରେ ଶ୍ରୀ ବେହେରାଙ୍କ ଘରେ ଏକ ଅଜଗର ଥିବା ଜଣାପଡିଥିଲା। ଏନେଇ



ଖବରପାଇ ପାଇକମାଳ ସ୍ନେକ୍ ହେଲ୍ପଲାଇନ ଚିମନଲାଲ କଟାପଲିଆ ପହଞ୍ଚି ତାଙ୍କ ଘରୁ ଅଜଗରକୁ ଉଦ୍ଧାର କରି ଗନ୍ଧମାର୍ଦ୍ଦନ ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି। ଅଜଗରର ଲମ୍ବ ପାଖାପାଖି ୬ ଫୁଟ ଥିବା ବେଳେ ଓଜନ ସାଢ଼େ ୯ କିଲୋ ଥିବା ଜଣାପଡ଼ିଛି।

## ବିଦ୍ୟାଳୟ ସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

ଝାରବନ୍ଧ,୨୨।୮ (ସମିସ): ଚଳିତ ବର୍ଷ ବରଗଡ଼ ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ଝାରବନ୍ଧ ବ୍ଲକ୍‌ରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି ପ୍ରଥମ ପର୍ଯ୍ୟାୟରେ ବ୍ଲକ୍‌ର ସମସ୍ତ ଖେଳ ଶିକ୍ଷକ ଏବଂ ସିଆରସିସିଙ୍କୁ ନେଇ ପ୍ରସ୍ତୁତି ବୈଠକ କରିଥିଲେ। ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ଚଣ୍ଡୀଭାଟାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସେପ୍ଟେମ୍ବର ତିନି ଓ ଚାରି ତାରିଖ ଦୁଇ ଦିନ ଧରି ଚଣ୍ଡୀଭଟା ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ପଡିଆରେ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ଛାତ୍ରଛାତ୍ରୀ ଯୋଗଦାନ କରିବେ। ବୈଠକରେ ଏବିଇଓ ଦୟାନିଧି କୈବର୍ତ୍ତ, ଡଭା ପ୍ରଧାନ, ଶିକ୍ଷକ ଟିକେଶ୍ୱର ପଟେଲ, ଚଣ୍ଡୀଭଟା ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରକାଶ ସାହୁ, କମିଟିର ସଦସ୍ୟ ମହେନ୍ଦ୍ର ପ୍ରଧାନ, ଦିବ୍ୟକିଶୋର ପଣ୍ଡା, କୁର୍ମା ସ୍କୁଲ ପ୍ରଧାନ ଶିକ୍ଷକ ଶରତ ସାହୁ ତଥା ସମସ୍ତ ସିଆରସିସି ପ୍ରମୁଖ ଯୋଗ ଦେଇଥିଲେ। ଚଣ୍ଡୀଭଟା ପଞ୍ଚାୟତ ଅଞ୍ଚଳର ଭୀମସେନ ନାୟକ, ନନ୍ଦଲାଲ ମହାପାତ୍ର, ନରେନ୍ଦ୍ର ପ୍ରଧାନ, ମାର୍କଣ୍ଡ ନାୟକ, ଭୁବନେଶ୍ୱର ପ୍ରଧାନ, ଶରତ ପ୍ରଧାନ, ଉମାକାନ୍ତ ପ୍ରଧାନଙ୍କ ସହିତ ଲାୟନ୍ସ ସ୍ପୋର୍ଟିଙ୍ଗ, ଶାନ୍ତି କମିଟି, ଗାଁର ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ।

## ସେପ୍ଟେମ୍ବର ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବରଗଡ଼,୨୨।୮ (ସମିସ): ଜନସାଧାରଣଙ୍କୁ ବିନା ମୂଲ୍ୟରେ ଆଇନସେବା ଯୋଗାଇଦେବା ଲକ୍ଷ୍ୟରେ ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ବରଗଡ଼ କୋର୍ଟ ସମେତ ପଦ୍ମପୁର, ସୋହେଲା, ବରପାଲି, ଭେଡେନ, ଅତାବିରା ଓ ବିଜେପୁର କୋର୍ଟ ପରିସରରେ ଏହାକୁ ଅନୁଷ୍ଠିତ କରାଯିବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୂଚନା ଦେଇଛନ୍ତି। ଏହି ଲୋକ ଅଦାଲତରେ ଅସହାୟ ଗରିବ ଲୋକଙ୍କ ମୋକଦ୍ଦମାର ନ୍ୟାୟ ବିନା ମୂଲ୍ୟରେ ପ୍ରଦାନ କରାଯିବ। ଅଧିକରୁ ଅଧିକ ଲୋକ ସେମାନଙ୍କର ମୋକଦ୍ଦମାକୁ ରାଷ୍ଟ୍ରୀୟ ଲୋକ ଅଦାଲତରେ ପଞ୍ଜୀକରଣ କରାଇ ଏହାର ସୁବିଧା ନେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଅନୁରୋଧ କରିଛନ୍ତି। ସକାଳ ୧୦ ଘଟିକାରୁ ରାଷ୍ଟ୍ରୀୟ ଲୋକ ଅଦାଲତ ବରଗଡ଼ ଜିଲ୍ଲାର ବିଭିନ୍ନ କୋର୍ଟ ପରିସରରେ ଆରମ୍ଭ ହେବ। ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ, ଚାକିରି ସମ୍ବନ୍ଧୀୟ, ଅବସରକାଳୀନ ପ୍ରାପ୍ୟ ମାମଲା ଓ ରାଜସ୍ୱ ମାମଲାର ଆପୋସ ସହମତିରେ ସମାଧାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ପଞ୍ଚାୟତ ମହାବିଦ୍ୟାଳୟରେ ସାନିଟାରୀ ନାପକିନ ବଣ୍ଟନ




ବରଗଡ଼,୨୨ ।୮ (ସମିସ): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୌଜନ୍ୟରୁ ଆଜି ସ୍ଥାନୀୟ ପଞ୍ଚାୟତ ମହାବିଦ୍ୟାଳୟରେ ଅଧକ୍ଷ ଡ.ନକୁଳ ସେଠ୍‌ଙ୍କ ପୌରୋହିତ୍ୟରେ ଛାତ୍ରୀମାନଙ୍କ ଶାରୀରିକ ଓ ମାନସିକ ଉନ୍ନତି ପାଇଁ 'ଖୁସି' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ରାଜଶ୍ରୀ ଭଞ୍ଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ମାନଙ୍କୁ ସାନିଟାରୀ ନାପକିନ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ପଙ୍କଜିନୀ ରାୟ, ଓଡ଼ିଆ ଅଧ୍ୟାପିକା ଛନ୍ଦାରାଣୀ ବେସନ ଓ ଅଧ୍ୟାପକ ଶାନ୍ତନୁ ସୁନା ସହଯୋଗ କରିଥିଲେ।

## 'ଅଜୀମ୍ ପ୍ରେମଜୀ' ଛାତ୍ରୀ ବୃତ୍ତି ସଚେତନତା

ବରଗଡ଼,୨୨।୮ (ସମିସ): ପଞ୍ଚାୟତ ମହାବିଦ୍ୟାଳୟରେ 'ଅଜୀମ୍ ପ୍ରେମଜୀ' ଛାତ୍ରୀ ବୃତ୍ତି ସମ୍ପର୍କିତ ସଚେତନତା ମୂଳକ କାର୍ଯ୍ୟକ୍ରମ ଅଧକ୍ଷ ଡ.ନକୁଳ ସେଠଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ପଙ୍କଜିନୀ ରାୟ ଛାତ୍ରୀ ମାନଙ୍କୁ ଏହି ଛାତ୍ରୀ ବୃତ୍ତି ଆବେଦନ ପ୍ରକ୍ରିୟା, ନିୟମାବଳୀ ତଥା ମାର୍ଗଦର୍ଶିକା ସମ୍ପର୍କରେ ଅବଗତ କରାଇଥିଲେ। ଓଡ଼ିଆ ଅଧ୍ୟାପିକା ଛନ୍ଦାରାଣୀ ବେସନ ଛାତ୍ରୀବୃତ୍ତି ପାଇଁ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ।

## ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ଶୋକସଭା

ସମ୍ବଲପୁର, ୨୨।୮ (ସମିସ) : ସ୍ଥାନୀୟ ଚିତ୍ରଗୁପ୍ତ କଲ୍ୟାଣ ସଂଘ ସଭାକକ୍ଷରେ ଆଜି ସନ୍ଧ୍ୟାରେ ସମ୍ବଲପୁରର ପୁରାତନ ନାଟ୍ୟସଂସ୍ଥା ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ମହାନ ନାଟ୍ୟକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗରେ ଶୋକସଭା ଆୟୋଜିତ ହୋଇଯାଇଛି। ପରିଷଦର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭା ପ୍ରାରମ୍ଭରେ ସ୍ୱର୍ଗତ ପଶାୟତଙ୍କ ଆତ୍ମାର ସଦ୍‌ଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ବଲପୁରୀ ଭାଷା ଆନ୍ଦୋଳନର ପୁରୋଧା ଭାବରେ ତାଙ୍କୁ ଅବିହିତ କରି ତାଙ୍କ ଦ୍ୱାରା ରଚିତ "ଉଖି' ନାଟକ ହିଁ ପ୍ରକୃତରେ ସମ୍ବଲପୁରୀ ନାଟକର ଆଧାରଶିଳା ରଖିଥିଲା ବୋଲି ସଭାରେ ଆଲୋଚନା ହେବାସହ ତାଙ୍କ ପ୍ରଥମ ନାଟକ 'ମୁଇଁ ନାଇ ମରେଁ'ରୁ ଶ୍ରୀ ପଶାୟତ ଜଣେ ବଳିଷ୍ଠ ନାଟ୍ୟକର ଭାବରେ ନିଜ ପରିଚୟ ସୃଷ୍ଟି କରି ପାରିଥିଲେ ବୋଲି ମତପ୍ରକାଶ ପାଇଥିଲା। ସମ୍ପାଦକ ଡଃ ସିଦ୍ଧାର୍ଥ ପଣ୍ଡା ସଭା ସଂଯୋଜନା କରିଥିବାବେଳେ ଅଶୋକ କୁମାର ମିଶ୍ର, ଶିରୀଷ ପୂଜାରୀ, ପୂର୍ଣ୍ଣଚନ୍ଦ୍ର ଦାଶ, ବିରୂପାକ୍ଷ ପ୍ରଧାନ, ସୁବାସ ଚନ୍ଦ୍ର ନନ୍ଦ, ଗୋରେଖଲାଲ ଦାସ, ସଞ୍ଜୀବ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କଫ ସିରପ୍ କାରବାରରେ ଜଣେ ଗିରଫ

ସମ୍ବଲପୁର,୨୨।୮ (ସମିସ):ବେଆଇନ ଭାବେ କଫସିରପ୍ କାରବାର କରୁଥିବା ଅଭିଯୋଗରେ ସମ୍ବଲପୁର ଅବକାରୀ ବିଭାଗ ପକ୍ଷରୁ ଜଣଙ୍କୁ ଗିରଫ କରାଯାଇଛି। ସେ ହେଉଛି ଧନୁପାଲି ଥାନା ଚାରଭାଟିର ଯୋଗେଶ ଓରାମ(୩୦) । ତା ନିକଟରୁ ୧୨୦ ବୋତଲ କଫସିରପ୍ ଜବତ କରାଯାଇଛି। ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ଦ୍ୱାଦଶ ଦିନରେ ରାଜସ୍ୱ ଅମଲାଙ୍କ ଆନ୍ଦୋଳନ

ସମ୍ବଲପୁର,୨୨।୮ (ସମିସ)



ଗତ ୧୧ ତାରିଖରୁ ରାଜସ୍ୱ ଅମଲାମାନେ ସମୂହ ଛୁଟି ନେଇ ପ୍ରତିବାଦ ଧାରଣାରେ ବସିଛନ୍ତି। ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ସମେତ କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡ ତଥା ସମସ୍ତ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିଛି। ରାଜସ୍ୱ ଅମଲାଙ୍କ ଦାବି ମଧ୍ୟରେ ରହିଛି ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆ।ର୍ଏସ୍‌ପି ୨୦୧୭ ମସିହା ନିୟମ ଅନୁଯାୟୀ ଲେଭେଲ୍ - ୯କୁ ବୃଦ୍ଧି ଏବଂ ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁର୍ନଗଠନ ଆଦି ରହିଛି। ଶୁକ୍ରବାର ଅମଳା ମାନଙ୍କ ପ୍ରତିବାଦ ଧାରଣା ଦ୍ୱାଦଶ ଦିନରେ ପହଞ୍ଚିଛି। କାର୍ଯ୍ୟାଳୟ ମାନଙ୍କରେ କେବଳ ଅଧିକାରୀ ଥିବାବେଳେ କାମ୍ ସମ୍ପୂର୍ଣ୍ଣ ଠପ୍ ହୋଇଗଲାଣି। ବିଭିନ୍ନ ଯୋଜନା କାର୍ଯ୍ୟ ତଥା ଜନଅଭିଯୋଗ ଗୁଡ଼ିକ ପଡ଼ିରହିଛି। ଧିରେ ଧିରେ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଅଚଳାବସ୍ଥା ଦେଖାଦେଲାରି। କେତେକ ସ୍ଥାନରେ ଅଧିକାରୀମାନେ କାର୍ଯ୍ୟାଳୟରେ ଉପସ୍ଥାନ ପକାଇବା ପରେ କ୍ଷେତ୍ର ପରିଦର୍ଶନ କରୁଥିବା ଦେଖାଯାଉଛି। ସରକାରଙ୍କ ପକ୍ଷରୁ ଦାବି ଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନିଆଯାଉନଥିବାବେଳେ ପ୍ରଶାସନିକ କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ପାଖକୁ ମଧ ଆସୁନାହାନ୍ତି। ଅନ୍ୟପକ୍ଷରେ ସମ୍ବଲପୁର ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତାମାନେ ଭୁବନେଶ୍ୱରକୁ ଯାଇ ଜନପ୍ରତିନିଧିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ନୋଟିସର ପ୍ରଭାବ ଆନ୍ଦୋଳନକାରୀଙ୍କ ଉପରେ ପଡ଼ିନାହିଁ। ଛୁଟିଦିନ ବ୍ୟତୀତ ପ୍ରତିଦିନ ସକାଳବେଳା ପ୍ରାୟ ୪ ଘଣ୍ଟା ପର୍ଯ୍ୟନ୍ତ ରାଜସ୍ୱ ଅମଲାମାନେ ରାଜରାସ୍ତାରେ ବସିରହି ବିକ୍ଷୋଭ ଧାରଣା ଜାରି ରଖିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ପତ୍ର ସଂଖ୍ୟା ୩୦୪୩୧ / ୧୨-୮-୨୦୨୫ ଜରିଆରେ ଜିଲ୍ଲା ପ୍ରଶାସନକୁ ରାଜସ୍ୱ ଅମଲାଙ୍କ ସମୂହ ଛୁଟି ବାତିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଅନୁପସ୍ଥିତ ଥିବା କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ସହ ଅନଧିକୃତ ଛୁଟି ସକାଶେ ଦରମା ଅଟକାଇବା ଏବଂ କର୍ମଚାରୀମାନଙ୍କ ଅନଧିକୃତ ଅନୁପସ୍ଥିତି ସମୟ ଅବଧିକୁ ସର୍ଭିସ୍ ବୁକ୍‌ରେ ବ୍ରେକ୍ ଇନ୍ ସର୍ଭିସ ଭାବେ ରେକର୍ଡ କରିବାକୁ କୁହାଯାଇଛି। ପୁଣି ସର୍ଭିସ ଓ କଣ୍ଡକ୍ଟ ରୁଲ୍ ଉଲଂଘନ ସକାଶେ କର୍ମଚାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପରୋକ୍ତ ପତ୍ରରେ ନିର୍ଦ୍ଦେଶ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମୂହ ଛୁଟି ବାତିଲ କରି କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିବାବେଳେ ତାହା ପ୍ରଭାବହୀନ ହୋଇପଡ଼ିଛି।

### ବାମରା ଅମଲା ସଂଘକୁ ସମର୍ଥନ ଜଣାଇଲେ କୁଚିଣ୍ଡା ଅମଲା

ସମ୍ବଲପୁର : ଓଡ଼ିଶା ରାଜସ୍ୱ ଅମଲା ସଂଘର ଆହ୍ୱାନକ୍ରମେ ବାମରା ରାଜସ୍ୱ ଅମଲା ସଂଘ ଗତ ୧୧ ତାରିଖରୁ ବାମରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି



ରଖିଛନ୍ତି। ରାଜସ୍ୱ ଅମଲା ମାନେ ସାମୁହିକ ଛୁଟିରେ ରହି ପ୍ରତିବାଦ ଧାରଣାରେ ବସିଛନ୍ତି। ଆନ୍ଦୋଳନ ଯୋଗୁଁ ବାମରା ବ୍ଲକ ଓ ତହସିଲ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି। ବାମରା ବ୍ଲକର କେତେଜଣ ଅଧିକାରୀ ଅମଲା ମାନଙ୍କ ଉପରେ କାର୍ଯ୍ୟ କରିବା ସକାଶେ ଚାପ ପକାଉଥିବା ସୂଚନା ମିଳିଛି। ଏହାପରେ ଆଜି କୁଚିଣ୍ଡା ଅମଲା ସଂଘର କେତେଜଣ ବରିଷ୍ଠ ସଦସ୍ୟ ବାମରାକୁ ଯାଇ ସେଠାକାର ରାଜସ୍ୱ ଅମଲାଙ୍କୁ ସମର୍ଥନ ଜଣାଇଥିଲେ। ସେମାନେ ଆନ୍ଦୋଳନରତ ବାମରା ରାଜସ୍ୱ ଅମଲା ମାନଙ୍କ ସହ କେଇଘଣ୍ଟା ଧରି ବିକ୍ଷୋଭରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମୂହ ଛୁଟି ବାତିଲ ଏବଂ କାର୍ଯ୍ୟାନୁଷ୍ଠାନ ଧମକ ସତ୍ତ୍ୱେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ସାରା ରାଜ୍ୟରେ ଆନ୍ଦୋଳନ ଜାରି ରହିବ ବୋଲି ରାଜସ୍ୱ ଅମଲା ମହାସଂଘ ପକ୍ଷରୁ ପ୍ରକାଶ କରାଯାଇଛି।

